ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.242, Bhubaneswar Wednesday, November 06, 2019 | ୨୨ତମ ବର୍ଷ ସଂଖ୍ୟା-୨୪୨ ଭୁବନେଶ୍ୱର ବୁଧବାର, ନଭେମ୍ବର ୦୬, ୨୦୧୯ (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) | Member-INS

ସମ୍ଭାବ୍ୟ ବାତ୍ୟା ଓ ବର୍ଷା ପାଇଁ ପ୍ରସ୍ତୁତ ରହିବା ପାଇଁ ୧୫ ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, (ପିଏନ)- ଓଡିଶାରେ ବାତ୍ୟା ସମ୍ପର୍କରେ ନିର୍ଦ୍ଦିଷ୍ଟ ସୂଚନା ନଥିଲେ ହେଁ ସମ୍ଭାବ୍ୟ ବାତ୍ୟା ଓ ବର୍ଷା ର ମୁକାବିଲା ପାଇଁ ୧୫ଟି ଜିଲ୍ଲାର ଜିଲ୍ଲାପାଳମାନେ ପ୍ରସ୍ତୁତ ରହିବାପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ବର୍ଷା ସମ୍ପର୍କରେ ଚାଷୀ ମାନଙ୍କ ପାଇଁ ଆଡଭାଇଜରୀ ଜାରୀ କରିବା ପାଇଁ କୃଷି ମନ୍ତ୍ରୀ ଡ. ଅରୁଣ ସାହୁ ଓୟୁଏଟିକୁ ନିର୍ଦ୍ଦେଶ ଦେଇଛନ୍ତି ।

ଏସଆରସି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ପୁରୀ ,ବାଲେଶ୍ୱର , ଭଦ୍ରକ , କେନ୍ଦ୍ରାପଡା , ଜଗତସିଂହପୁର, ବୌଦ୍ଧ, କୋରାପୁଟ ,ରାୟଗଡା , ନବରଙ୍ଗପୁର, ଗଂଜାମ , ଗଜପତି, ନୂଆପଡା, ମାଲକାନଗିରି,କନ୍ଧମାଳ

ଓ କଳାହାଣ୍ଡି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ କୁହାଯାଇଛି । ଆଇଏମଡିର ଅନୁମାନ କହୁଛି ଆସନ୍ତା ୭ ତାରିଖରୁ ୧୦ ତାରିଖ ମଧ୍ୟରେ ଉପରୋକ୍ତ ଜିଲ୍ଲା ଗୁଡିକରେ ସ୍ୱଳ୍ପ ରୁ ମଧ୍ୟମ ଧରଣର ବର୍ଷା ହେବ । ଏହାର ପ୍ରଭାବ ଆଭ୍ୟନ୍ତରୀଣ ଓଡିଶାରେ ବିଶେଷ ପଡିବ ନାହିଁ । ଉତର ଆଣ୍ଡାମାନରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତର ରୂପ ନେଇଛି । ବର୍ତମାନ ଏହା ପାରାଦ୍ୱୀପ ଠାରୁ ୯୨୦ କିମି ଦୂରରେ ରହିଛି । ଏହା ପଶ୍ଚିମବଙ୍ଗ ଓ ବାଲାଂଦେଶ ର ମଧ୍ୟ ଭାଗରେ ସ୍ଥଳଭାଗ ଛୁଇଁପାରେ । ୭ ତାରିଖରେ ଘଂଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବୋହିବ । ୯ ତାରିଖ ବେଳକୁ ପବନର ବେଗ ବୃଦ୍ଧି ପାଇ ୫୦ରୁ ୬୦ କିମି ବେଗରେ ବୋହିବ । ବର୍ତମାନ ରାଜ୍ୟର ସବୁ ବିମାନ ବନ୍ଦରରେ ୧ ନମ୍ବର ବିପଦ ସଙ୍କେତ ଜାରୀ କରାଯାଇଛି । ମାଛ ମାରିବାକୁ ସମୁଦ୍ର ମଧ୍ୟକୁ ଯାଇଥିବା ମତ୍ସ୍ୟଜୀବୀମାନେ ୮ ତାରିଖ ସୁଦ୍ଧା ଫେରିଆସିବାକୁ କୁହାଯାଇଛି ।

ଓଡିଶାର ୭ ସହର ସବୁଠୁ ପ୍ରଦୂଷିତ

ଭୁବନେଶ୍ୱର, (ପିଏନ)- ଓଡିଶାର ୭ଟି ସହର ପ୍ରଦୂଷିତ ସହର ତାଲିକାରେ ରହିଛି । ସେଗୁଡିକ ହେଲା ଭୁବନେଶ୍ୱର , କଟକ , ଅନୁଗୁଳ , ତାଳଚେର , ରାଉରକେଲା , କଳିଙ୍ଗନଗର ଓ ବାଲେଶ୍ୱର । ଅଙ୍ଗାରକାମ୍ଳର ପରିମାଣ ବୃଦ୍ଧି ଯୋଗୁଁ ପରିବେଶ ପ୍ରଦୂଷଣ ବଢୁଛି । ସେହିପରି ୯ଟି ନଦୀର ଅବବାହିକା ମଧ୍ୟ ପ୍ରଦୂଷିତ । ଗଙ୍ଗୁଆ ନାଳ ସବୁଠାରୁ ଅଧିକ ପ୍ରଦୂଷିତ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଦେବୀ ଦତ ବିଶ୍ୱାଳ ମଙ୍ଗଳବାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଷ୍ଟାଣ୍ଡିଂ କମିଟି ବୈଠକରେ ପ୍ରକାଶ କରିଛନ୍ତି । ପ୍ରକାଶ କରିଛନ୍ତି । ଷ୍ଟାଣ୍ଡିଂ କମିଟି ବୈଠକ ପରେ ପ୍ରଦୂଷଣକୁ ରୋକିବାପାଇଁ ସହରାଂଚଳରେ ସଚେତନତା ରଥ ବାହାର କରିବାକୁ ବାଚସ୍ପତି ପରାମର୍ଶ ଦେଇଛନ୍ତି ।

ଛାତ୍ରୀଙ୍କୁ ଅଶ୍ଳିଳ ଇଙ୍ଗିତ, ଯୁବକ ଗିରଫ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ତିହିଡ଼ି ଥାନା ସୟା ପ□ାୟତ ଅଧୀନ ବାଲିଚତୁରି ଗ୍ରାମର ୨ଜଣ କଲେଜଛାତ୍ରୀଙ୍କୁ ଅଶ୍ଳିଳ ଇଙ୍ଗିତ କରିବା ଅଭିଯୋଗରେ ତିହିଡ଼ି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ଗିରଫ ହୋଇଥିବା ଯୁବକଙ୍କ ନାଁ ଶିବାନନ୍ଦ ମଳିକ ଏବଂ ତାଙ୍କ ଘର ତିହିଡ଼ି ଥାନା ଅଧିନ ନିଙ୍ଗାଡ଼ି ଗ୍ରାମରେ ।

ବଳଦେବଜୀଉ ମନ୍ଦିରର ଉନ୍ନତିକରଣ ପାଇଁ ୮.୫ କୋଟି ଟଙ୍କା ମଂଜୁର କଲେ ମୁଖ୍ୟମନ୍ତ୍ରୀ

ରଥଯାତ୍ରା ପୂର୍ବରୁ କାମ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, (ପିଏନ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡ଼ା ବଳଦେବଜୀଉ ମନ୍ଦିର ଓ ବଡ଼ଦାଣ୍ଡର ଉନ୍ନତିକରଣ ପାଇଁ ୮କୋଟି ୫୦ ଲକ୍ଷ ଟଙ୍କା ମଂଜୁର କରିଛନ୍ତି । ଆଜି ସନ୍ଧ୍ୟାରେ ଲୋକସେବା ଭବନର ସମ୍ମିଳନୀ କକ୍ଷରୁ ମୁଖ୍ୟମନ୍ତ୍ରୀ ବିଡ଼ିଓ କନଫରେନସିଂ ଯୋଗେ କେନ୍ଦ୍ରାପଡ଼ା ସାଂସଦ, ବିଧାୟକ, ଜିଲ୍ଲାପାଳ, ମନ୍ଦିର ଟ୍ରଷ୍ଟ ଏବଂ ସେବାୟତ ମାନଙ୍କ ସହିତ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ସ୍ନାନ ପୂର୍ଣ୍ଣିମା ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବଳଦେବଜୀଉଙ୍କ ମନ୍ଦିର ପରିଦର୍ଶନ କରିଥିଲେ । ଏହି ପରିଦର୍ଶନ ସମୟରେ ସେବାୟତ ଓ ଜନସାଧାରଣ ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଆଜି ଅନୁଷ୍ଠିତ ଭିଡ଼ିଓ କନଫରେନସିଂରେ ବଳଦେବଜୀଉଙ୍କ ପୀଠ ତୁଳସୀ କ୍ଷେତ୍ରର ସର୍ବବିଧ ବିକାଶ କରି ଏହାକୁ ଏକ ଆକର୍ଷଣୀୟ ଧର୍ମୀୟ ପର୍ଯ୍ୟଟନ କ୍ଷେତ୍ର ଭାବରେ ବିକଶିତ କରିବା ପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା ।ତଦନୁଯାୟୀ କେନ୍ଦ୍ରାପଡ଼ା ବଳଦେବଜୀଉ ମନ୍ଦିର ଓ ଏହାର ପରିସରକୁ ସୁଦୃଶ୍ୟ ଆଲୋକମାଳାରେ ସୁସଜ୍ଜିତ କରାଯିବା ସହିତ ବଡ଼ଦାଣ୍ଡର ଉନ୍ନତିକରଣ କରାଯାଇ ଏହାର ଦୁଇ ପାର୍ଶ୍ୱକୁ ମଧ୍ୟ ସୁଦୃଶ୍ୟ ଆଲୋକମାଳାରେ ସଜ୍ଜିତ କରାଯିବ । ସେହିପରି କେନ୍ଦ୍ରାପଡ଼ାରେ ଏକ ଅଧ୍ୟାତ୍ମିକ ଉଦ୍ୟାନ ନିର୍ମାଣ କରାଯିବା ସହିତ ବଳଦେବଜୀଉ ଐତିହ୍ୟ ପୁଷ୍କରିଣୀର ମଧ୍ୟ ପୁନରୁଦ୍ଧାର କରାଯିବ । ବଳଦେବଜୀଉ ମନ୍ଦିରର କୀର୍ତିରାଜିର ଉପଯୁକ୍ତ ସଂରକ୍ଷଣ ପାଇଁ ପଦକ୍ଷେପ ନିଆଯିବ । ଏତଦ୍‌ବ୍ୟତୀତ ମନ୍ଦିରର ନିରାପତା, ସୁରକ୍ଷା ଏବଂ ଜଳ ନିଷ୍କାସନ ପ୍ରଣାଳୀକୁ ସମୁନ୍ନତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବୈଠକରେ ସ୍ଥିର କରାଯାଇଛି ।ଏହିସବୁ ଉନ୍ନତିକରଣ କାର୍ଯ୍ୟର ଗୁଣାତ୍ମକ ମାନ ବଜାୟ ରଖିବା ସହିତ ଆସନ୍ତା ରଥଯାତ୍ରା ପୂର୍ବରୁ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ଏହିସବୁ କାର୍ଯ୍ୟକ୍ରମର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ାବାସୀଙ୍କ ସହଯୋଗ ମଧ୍ୟ କାମନା କରିଥିଲେ । ସେବାୟତ ମାନଙ୍କ ପକ୍ଷରୁ ଏହି ନିଷ୍ପତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦିଆଯାଇଥିଲା । ଏହି ବୈଠକରେ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା, ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଓ ପୂର୍ତ ସଚିବ ପ୍ରମୁଖ ଉପସ୍ଥିତ ଥିଲେ ।

ଆଇଟିଆଇ ପରିଦର୍ଶନ କଲେ ମନ୍ତ୍ରୀ : ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, (ପିଏନ)- ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ଶ୍ରୀ ପ୍ରେମାନନ୍ଦ ନାୟକ ମଙ୍ଗଳବାର ଅଚ୍ଛନକ ଭୁବନେଶ୍ୱରସ୍ଥିତ ଆଇଟିଆଇକୁ ପରିଦର୍ଶନରେ ଯାଇଥିଲେ । ସେଠାରେ ଆଇଟିଆଇ ପରିସର ପରିଦର୍ଶନ କରି ଛାତ୍ରଛାତ୍ରୀମାନଙ୍କ ସହ ଶିକ୍ଷାଦାନର ବ୍ୟବସ୍ଥା, ନିୟମିତତା, ଶୃଙ୍ଖଳା ଆଦି ସଂପର୍କରେ ପଚାରି ବୁଝିଥିଲେ ।

ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା ସମୟରେ ମନ୍ତ୍ରୀ ଶ୍ରୀ ନାୟକ କହିଲେ ଯେ କୃଷିଠାରୁ ଆରମ୍ଭ କରି ନିର୍ମାଣ କ୍ଷେତ୍ର ପର୍ଯ୍ୟନ୍ତ ସବୁଠାରେ କୁଶଳୀ ଓ ଦକ୍ଷ ମାନବସମ୍ବଳର ଆବଶ୍ୟକତା ରହିଛି । ସରକାର ଯୁବକମାନଙ୍କ ଦକ୍ଷତା ବୃଦ୍ଧି ସହ କର୍ମନିଯୁକ୍ତି ଦିଗକୁ ସର୍ବଦା ଅଗ୍ରାଧିକାର ଦେଇ ଆସୁଛନ୍ତି । ଦେଶର ଅର୍ଥନୈତିକ ବିକାଶ କ୍ଷେତ୍ରରେ ଦକ୍ଷତା ଏକ ପ୍ରମୁଖ ମାପକାଠି । ବିକାଶଧାରାକୁ ଆଗେଇ ନେବା ପାଇଁ ପରିବର୍ତିତ ଶିକ୍ଷାୟନ ଓ ବଜାରର ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ମାନବସମ୍ବଳର ଦକ୍ଷତା ବୃଦ୍ଧି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ସରକାର ଆଗାମୀ ୫ ବର୍ଷ ମଧ୍ୟରେ ୧୫ ଲକ୍ଷ ଯୁବକଙ୍କୁ ତାଲିମ ମାଧ୍ୟମରେ ସେମାନଙ୍କର ଦକ୍ଷତା ବିକାଶ କରିବାକୁ ଲକ୍ଷ୍ୟ ରଖିଛନ୍ତି । ତେଣୁ ଛାତ୍ରଛାତ୍ରୀମାନେ ପ୍ରମାଣପତ୍ର ସର୍ବସ୍ୱ ନହୋଇ ନିଜର ଦକ୍ଷତା ବୃଦ୍ଧି ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବାକୁ ମନ୍ତ୍ରୀ ଶ୍ରୀ ନାୟକ ପରାମର୍ଶ ଦେଇଥିଲେ । ଶିକ୍ଷାଦାନର ମାନ, ଗୁଣବତା ସହ ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବୃଦ୍ଧି ସଂପର୍କରେ ଆଇଟିଆଇ କର୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । ସରକାରଙ୍କ ଆଭିମୁଖ୍ୟ ଓ ଲକ୍ଷ୍ୟ ସଂପର୍କରେ ଅବଗତ କରାଇବା ସହ ନିଯୁକ୍ତିଭିତିକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଆଇଟିଆଇର ଅଧ୍ୟକ୍ଷ ନୀଳିମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ସାଧାରଣ ସେବା କେନ୍ଦ୍ରରେ ମିଳିବ ଡ୍ରାଇଭିଂ ଲାଇସେନ୍ସ

ଭୁବନେଶ୍ୱର, (ପିଏନ)-ଏଣିକି ଡ୍ରାଇଭିଂ ଲାଇସେନ୍ସ୍, ଗାଡି ପଂଜୀକରଣ ପ୍ରମାଣପତ୍ର, ଗାଡିର ମାଲିକାନା ପରିବର୍ତନ ଏବଂ ରାଜସ୍ୱ ଆଦାୟ ଆଦି ସେବା ଅନ୍‌ଲାଇନ୍ ମୋଡରେ ସାଧାରଣ ସେବା କେନ୍ଦ୍ର (ସି.ଏସ୍.ସି) ମାନଙ୍କରେ ମିଳି ପାରିବ । ଏହି କାର୍ଯ୍ୟ ଡିସେମ୍ବର ମାସ ସୁଦ୍ଧା ସାରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ୍ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି ।

ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୫-ଟି କାର୍ଯ୍ୟାନ୍ୱୟନ ସମୀକ୍ଷା ବୈଠକରୁ ଏହା ଜଣାପଡିଛି । ରାଜ୍ୟ ଲୋକସେବା ଭବନଠାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଜି.ଶ୍ରୀନିବାସ୍ ସେବା ଯୋଗାଣ ସମ୍ବନ୍ଧିତ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ଅଧିକରୁ ଅଧିକ ସେବାକୁ ଅନ୍‌ଲାଇନ୍ କରିବା ସହ ଲୋକମାନଙ୍କର ଆର୍.ଟି.ଓ. ଅଫିସକୁ ଦୌଡିବାର ଆବଶ୍ୟକତା କମାଇବା ପାଇଁ ମୁଖ୍ୟ ଶାସନ ସଚିବ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ପ୍ରମୁଖ ଶାସନ ସଚିବ ଶ୍ରୀନିବାସ୍ କହିଥିଲେ ଯେ ଏହି ବ୍ୟବସ୍ଥା ମାଧ୍ୟମରେ ରାଜ୍ୟର ଯେକୌଣସି ସ୍ଥାନରୁ ଜଣେ ଯୋଗ୍ୟ ଆବେଦନକାରୀ ନିଜର ଇଚ୍ଛା ଅନୁସାରେ ଯେକୌଣସି ଆର୍.ଟି.ଓ. ଅଫିସକୁ ଲାଇସେନ୍ସ୍ ପାଇଁ ଦରଖାସ୍ତ କରିପାରିବେ । ପ୍ରାଥମିକଭାବେ ଲରନର୍ ଲାଇସେନ୍ସ୍ ଏବଂ ପରବର୍ତୀ ଅବସ୍ଥାରେ ଡ୍ରାଇଭିଂ ଲାଇସେନ୍ସ୍ ଆଦି ପାଇଁ ଦେୟ ମଧ୍ୟ ଅନ୍ ଲାଇନ୍ ରେ ପୈଠ କରିପାରିବେ । ଏହା ଫଳରେ ଆର୍.ଟି.ଓ ଅଫିସ ଆସି ଆଉ ଧାଡିରେ ଠିଆ ହେବାକୁ ପଡିବ ନାହିଁ । ଏହି ବ୍ୟବସ୍ଥା ମାଧ୍ୟମରେ ପ୍ରାୟ ୧୨ ଲକ୍ଷ ନାଗରିକ ଉପକୃତ ହେବେ ।

ନୂଆ ଗାଡିର ପଂଜୀକରଣ, ଋଣ-ବନ୍ଧକ ଏବଂ ବନ୍ଧକମୁକ୍ତ ସ୍ୱୀକୃତି, ଠିକଣା ପରିବର୍ତନ, ଫିଟ୍‌ନେସ୍ ପ୍ରମାଣପତ୍ରଏବଂ ପଂଜୀକରଣ ନବୀକରଣ ଆଦି ବ୍ୟବସ୍ଥାକୁ ଅନ୍‌ଲାଇନ୍ ମୋଡ୍‌ରେ ସି.ଏସ.ସି ମାନଙ୍କ ସହ ସଂଯୋଜିତ କରାଯିବ । ଏଥିରେ ଅନ୍‌ଲାଇନ୍ ଦସ୍ତାବିଜ୍ ଦାଖଲ ବ୍ୟବସ୍ଥା ମଧ୍ୟ ରହିବ । ଏହାଦ୍ୱାରା ପ୍ରାୟ ୧୨ ଲକ୍ଷ ଲୋକ ଉପକୃତ ହେବେ ବୋଲି ପ୍ରମୁଖ ଶାସନ ସଚିବ ଶ୍ରୀନିବାସ୍ କହିଥିଲେ । ସମୀକ୍ଷାରୁ ଜଣାପଡିଛି ଯେ ସମସ୍ତ ପରିବହନ ସେବା ଦେୟକୁ ଅନ୍ ଲାଇନ୍ ରେ ପୈଠ ବ୍ୟବସ୍ଥା କରାଯାଇଛି । ବର୍ତମାନ ସଂଗୃହିତ ହେଉଥିବା ରାଜସ୍ୱର ପ୍ରାୟ ୬୫ ଭାଗ ଅନ୍ ଲାଇନ୍‌ରେ ମିଳୁଛି ବୋଲି ଶ୍ରୀନିବାସ ଜଣାଇଥିଲେ । ୨୨୨୦ ମାର୍ଚ୍ଚ ମାସ ସୁଦ୍ଧା ଏହି ଅନ୍‌ଲାଇନ୍ ରାଜସ୍ୱ ସଂଗ୍ରହ ୯୦ ଭାଗକୁ ବଢ଼ାଇବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ ।ବଜାର ମାନ୍ଦାବସ୍ଥା ସତ୍ତ୍ୱେ ଚଳିତ ଆର୍ଥିକ ବର୍ଷ ଅକ୍ଟୋବର ଶେଷସୁଦ୍ଧା ପରିବହନ ବିଭାଗ ରାଜସ୍ୱ ବାବଦରେ ୧୦୦୪ କୋଟି ଟଙ୍କା ସଂଗ୍ରହ କରିଛନ୍ତି । ଗତ ବର୍ଷ ଏହି ସମୟ ସୁଦ୍ଧା ଏ ବାବଦ ରାଜସ୍ୱ ୧୦୦୧ କୋଟି ଟଙ୍କା ଥିଲା । ଏହି ରାଜସ୍ୱ ର ପ୍ରାୟ ଶତକଡା ୮୦ ଭାଗ ନୂଆ ଗାଡି ପଂଜୀକରଣ ଏବଂ ରୋଡ୍ ଟାକ୍ସ ବାବଦରେ ଆଦାୟ ହେଉଛି ବୋଲି ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ମନୋଜ ମିଶ୍ର ଜଣାଇଥିଲେ ।ବାଣିଜ୍ୟ ଓ ପରିବହନ ପ୍ରମୁଖ ଶାସନ ସଚିବ ଶ୍ରୀ ଜି.ଶ୍ରୀନିବାସ, ବୈଦ୍ୟୁତିକ ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଶାସନ ସଚିବ ଶ୍ରୀ ମନୋଜ ମିଶ୍ର, ପରିବହନ କମିଶନର ଶ୍ରୀ ସଂଜୀବ ପଣ୍ଡା, ମୁଖ୍ୟ ଶାସନ ସଚିବଙ୍କ ଓ.ଏସ୍.ଡି. ଶ୍ରୀ ଦିଲ୍ଲୀପ ରାଉତରାଏଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଅଭିଯୁକ୍ତ ରୂପେଶ ଭଦ୍ର ଓ ପ୍ରମୋଦ ସାହୁଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ମହିଳାମୋର୍ଚ୍ଚାର ରାଜ୍ୟବ୍ୟାପୀ ଆନ୍ଦୋଳନ

ଭୁବନେଶ୍ୱର, (ପିଏନ)- ଯାଜପୁର ଜିଲ୍ଲା ହରିଦାସପୁର ପଂଚାୟତ ପିଇଓ ସ୍ମିତାରାଣୀଙ୍କର ମୃତ୍ୟୁକୁ ଆଜି ୨୦ ଦିନ ବିତିଲାଣି । ସ୍ମିତାରାଣୀ ସହ ଦୁର୍ଷ୍କମ କରାଯାଇ ତାଙ୍କୁ ହତ୍ୟା କରାଯାଇଛି । ପୋଲିସ କେବଳ ରୂପେଶ ଭଦ୍ରକୁ ଗିରଫ କରି ସେଠାରେ ଉପସ୍ଥିତ ଥିବା ୨ ଜଣ ବିଜେଡି ସମିତି ସଭ୍ୟ, ଜଣେ ବିଜେଡି ଜିଲ୍ଲାପରିଷଦ ଏବଂ ରାମକୋର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କଲା ନାହିଁ । ସେହିପରି ବିଜେଡି ରାଜ୍ୟ ସଂପାଦକ ତଥା କେନ୍ଦ୍ରାପଡା କ୍ରେଡିଟ କୋଅପରେଟିଭର ସଭାପତି ପ୍ରମୋଦ ସାହୁ ଜଣେ କର୍ମଜୀବୀ ମହିଳାଙ୍କୁ ଯୌନ ନିର୍ଯ୍ୟାତନା ଦେବା ଅତ୍ୟନ୍ତ ଲଜ୍ଜାଜନକ ଘଟଣା । ପୋଲିସ ପ୍ରମୋଦ ସାହୁ ଏବଂ ରୂପେଶ ଭଦ୍ର ଓ ତାଙ୍କ ସହଯୋଗୀ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ମହିଳା ମୋର୍ଚ୍ଚା ଦାବି କରିଛି । ମୃତା ସ୍ମିତାରାଣୀର ହତ୍ୟା ଘଟଣାର ସିବିଆଇ ତଦନ୍ତ, ସ୍ମିତାରାଣୀଙ୍କର ଚରିତ୍ର ହନନ କରିଥିବା ଯାଜପୁର ଏସପି ଚରଣ ସିଂହ ମୀନାଙ୍କୁ ବହିଷ୍କାର, ନିଜ କ୍ଷମତାର ଅପବ୍ୟବହାର କରିଥିବା ମହିଳା କମିଶନ ଅଧ୍ୟକ୍ଷା ମୀନତି ବେହେରାଙ୍କୁ ବହିଷ୍କାର କରିବା ଆଦି ୩ ଦଫା ଦାବି ନେଇ ଆଜି ମହିଳା ମୋର୍ଚ୍ଚା ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ।

ରାଜ୍ୟସରକାର ମହିଳା ସଶକ୍ତିକରଣ, ମୋ ସରକାର, ମୋ ପୋଲିସ, ମୋ ପରିବାର ଏବଂ ୫-ଟି କଥା କହୁଥିବାବେଳେ ଏକ ସରକାରୀ କର୍ମଚାରି ଓ ମହିଳାଙ୍କ ମୃତ୍ୟୁପରେ ତାଙ୍କୁ ନ୍ୟାୟ ମିଳୁନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା । ରାଜ୍ୟରେ ମହିଳା ସମାଜ ସଂପୂର୍ଣ୍ଣଭାବେ ଅସୁରକ୍ଷିତ ହୋଇପଡିଛି । ରାଜ୍ୟରେ ମହିଳାଙ୍କ ସୁରକ୍ଷା ନେଇ ରାଜ୍ୟସରକାର ତୁରନ୍ତ ଜିରୋ ଟଲେରାନ୍ସ ଗ୍ରହଣ କରନ୍ତୁ ବୋଲି ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି ।

କେନ୍ଦ୍ରାପଡାଠାରେ ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତି ପରିଡାଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହା ପରେ ଶ୍ରମୀତା ପରିଡା ପୀଡିତା କେନ୍ଦ୍ରାପଡା ଯୌନ ପୀଡିତା ମହିଳା ଏବଂ ପରିବାରକୁ ଭେଟିଥିଲେ । ସଠିକ ତଦନ୍ତ ହେଲେ ଆହୁରି ଅସଲ ଗୁମର ପଦାକୁ ଆସିବ ବୋଲି ଶ୍ରୀମତୀ ପରିଡା କହିଛନ୍ତି ।

ଭୁବନେଶ୍ୱରଠାରେ ରାଜ୍ୟ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର, କଟକଠାରେ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ବାଲେଶ୍ୱରଠାରେ ଶୋଭନା ମହାନ୍ତି, ନୟାଗଡଠାରେ ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ବ୍ରହ୍ମପୁରଠାରେ ଅନୀତା ଶୁଭଦର୍ଶିନୀ ଓ ପିଙ୍କି ପ୍ରଧାନ, ଅନୁଗୁଳଠାରେ ସଂଘମିତ୍ରା ପ୍ରଧାନ, ବଲାଙ୍ଗୀର ଠାରେ ସଂଗୀତା ସିଂହଦେଓ, ଖୋର୍ଦ୍ଧାରେ ରଶ୍ମୀମୟୀ ପଟ୍ଟନାୟକ ଓ ରାଜଲକ୍ଷ୍ମୀ ଉପଧ୍ୟାୟ, ପୁରୀରେ ଜ୍ୟୋତି ମହାପାତ୍ର, ଯାଜପୁରରେ ବବିତା ମଲ୍ଲିକ, ଭଦ୍ରକରେ ମନସ୍ମିତା ଖୁଂଟିଆ ସମେତ ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରେ ଜିଲ୍ଲା ସଭାନେତ୍ରୀଙ୍କ ନେତୃତ୍ୱରେ ଏହି ପ୍ରସଙ୍ଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥି

ଟି ଟାଇମ୍

ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତୁଣ୍ଡ୍ୟପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯଣ୍ଡ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଟେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯଣ୍ଡ୍ୟନ୍ତ ବାକି ଅନଣ୍ଡ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତଣ୍ଡ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତଣ୍ଡ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତଣ୍ଡ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର

ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେଙ୍କ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

ପୁରାଣ କାହାଣୀ

ମନ୍ଥରାଙ୍କ କୁମନ୍ତ୍ରଣା

ରାମଙ୍କ ଶିବଧୁନ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶ୍ରୁତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। ୀରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଭ୍‌କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଟା

ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଟା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ର ନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଟା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଟା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉଙ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବାନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

ଆଜିର ଭାଗ୍ୟ

ମେଷ — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

ବୃଷ — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

ମିଥୁନ — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

କର୍କଟ — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

ସିଂହ — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

କନ୍ୟା — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

ତୁଳା — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

ବିଛା — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

ଧନୁ — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

ମକର — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

କୁମ୍ଭ — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

ମୀନ — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିଷୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହିଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜେନ ମଲିକ୍। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥିବା ହ୍ରିତିକ।

'କଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ୍ନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ

ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ

ପିଏମ୍‌ଓରେ ଓଡ଼ିଆ ପୁଅ : ଦେଶର ଗର୍ବ

ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଗର୍ବର ପ୍ରତୀକ ସାଜିଥିବା ଡକ୍ଟର ପ୍ରମୋଦ କୁମାର ମିଶ୍ର ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପଦବୀ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହେବାରେ ହେଉଛନ୍ତି ପ୍ରଥମ ଓଡ଼ିଆ। ପ୍ରଧାନମନ୍ତ୍ରୀଙ୍କ ଅତିରିକ୍ତ ପ୍ରମୁଖ ସଚିବ ପଦରୁ ପ୍ରମୁଖ ସଚିବ ପଦବୀକୁ ପଦୋନ୍ନତ ପାଇଥିବା ଦକ୍ଷ, ସଚ୍ଚୋଟ, ନିର୍ମଳ ଭାବମୂର୍ତ୍ତିସମ୍ପନ୍ନ ପାଇଥିବା ଆଇଏଏସ୍ ସମ୍ବଲପୁରର ପଟ୍ଟନାୟକପଡ଼ା ନିବାସୀ ଆଇନବିତ୍ ସ୍ୱର୍ଗତଃ ପ୍ରସନ୍ନ କୁମାର ମିଶ୍ରଙ୍କ ପୁତ୍ର। ସେ ହେଉଛନ୍ତି ଦେଶରେ ପ୍ରଥମ ସମ୍ବଲପୁରରେ ହିଁ ଭାଷା ଆନ୍ଦୋଳନର ଅନ୍ୟତମ ନେତୃତ୍ୱ ନେଇଥିବା ଶ୍ରୀପତି ମିଶ୍ରଙ୍କ ନାତି। ୧୯୪୮ ଅଗଷ୍ଟ ୧୧ ତାରିଖରେ ଡକ୍ଟର ପ୍ରମୋଦ କୁମାର ମିଶ୍ରଙ୍କ ଜନ୍ମ। ଡକ୍ଟର ମିଶ୍ର ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ, ଗଙ୍ଗାଧର ମେହେର କଲେଜର ଅତ୍ୟନ୍ତ ମେଧାବୀ ଛାତ୍ର ଭାବେ ସୁନାମ ଅର୍ଜନ କରିବା ପରେ ଦିଲ୍ଲୀ ସ୍କୁଲ ଅଫ୍ ଇକୋନମିକ୍‌ରେ ଅର୍ଥଶାସ୍ତ୍ରରେ ସ୍ନାତକୋତ୍ତର ଓ ଯୁକ୍ତରାଷ୍ଟ୍ର ଆମେରିକାରେ ପିଏଚ୍‌ଡ଼ି ହାସଲ କରିଛନ୍ତି। ଡକ୍ଟର ମିଶ୍ର ଏହି ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସର ଛାତ୍ର ଥିବାବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ମନମୋହନ ସିଂହ ତାଙ୍କ ଅଧ୍ୟାପକ ଥିଲେ। ୧୯୭୨ ମସିହାରେ ଆଇଏଏସ୍ ପାଇବା ପରେ ଗୁଜୁରାଟ କ୍ୟାଡ଼ରର ଏହି ସୁଦକ୍ଷ ଆଇଏଏସ୍ ୨୦୦୪ ପର୍ଯ୍ୟନ୍ତ ମୋଦିଙ୍କ ପ୍ରମୁଖ ସଚିବ ରୂପେ କାର୍ଯ୍ୟରତ ଥିଲେ। ସେହି ବର୍ଷ ଓଡ଼ିଶା କ୍ୟାଡ଼ରରେ ଆଇଏଏସ୍ ପଦ ଖାଲି ନଥିବାରୁ ତାଙ୍କୁ ଗୁଜୁରାଟ କ୍ୟାଡ଼ର ମିଳିଥିଲା। ସବୁଠାରୁ ସ୍ମରଣୀୟ ଓ ଉଲ୍ଲେଖନୀୟ ଘଟଣା ହେଉଛି ୨୦୦୧ରେ ଗୁଜୁରାଟର କଚ୍ ଠାରେ ହୋଇଥିବା ଭୟାବହ ଭୂମିକମ୍ପ ପରେ ତାଙ୍କୁ ତତ୍କାଳୀନ ଗୁଜୁରାଟ ସରକାର ରାଜ୍ୟ ଷ୍ଟେଟ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟିର ମୁଖ୍ୟ ଦାୟିତ୍ୱ ଦେଇ ଭୂମିକମ୍ପ ପରବର୍ତ୍ତୀ ପୁର୍ନନିର୍ମାଣ, ଅନୁଦାନର ସଦୁପଯୋଗ ଓ ଥଇଥାନ ପାଇଁ ପ୍ରମୁଖ ଭୂମିକା ଦେଇଥିଲେ। ତାଙ୍କର ଏହି ସ୍ମରଣୀୟ ଦାୟିତ୍ୱନିର୍ବାହ ପାଇଁ ୟୁଏନ୍ କମନ୍ ୱେଲଥ୍ ଆସୋସିଏସନର ପବ୍ଲିକ ଆଡମିନିଷ୍ଟ୍ରେସନ ଓ ମ୍ୟାନେଜମେଣ୍ଟ ଭଳି ବିଶ୍ୱସ୍ତରୀୟ ସଂସ୍ଥା ତାଙ୍କୁ ସମ୍ବର୍ଦ୍ଧିତ କରିଥିଲା। ୨୦୦୬ରୁ ୨୦୦୮ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କୃଷି ବିଭାଗର ସଚିବ ଦାୟିତ୍ୱରେ ରହି ଜାତୀୟ ଖାଦ୍ୟ ସୁରକ୍ଷା ମିଶନ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ କୃଷି ପ୍ରଧାନ ଭାରତ ପାଇଁ କୃଷି ଅର୍ଥନୀତିକୁ ଆଗେଇ ନେଇଥିଲେ। କେବଳ ସେତିକିନୁହେଁ ଭାରତରେ ଶସ୍ୟ ବୀମା ଯୋଜନା ଉପରେ ସେ ସ୍ୱତନ୍ତ୍ର ଖସଡ଼ା ତିଆରି କରିଥିଲେ। ୱାର୍ଲଡ ବ୍ୟାଙ୍କର ବିଶ୍ୱସ୍ତରରେ ଡିଜାଷ୍ଟର ରିକଭରି, ଫ୍ରେମୱାର୍କ ପ୍ରସ୍ତୁତି କରିବା ପାଇଁ ଗଠିତ ପରାମର୍ଶ ଦାତା କମିଟିରେ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଥିଲେ।

ଅନେକ ଓଡ଼ିଆ ପାଠକ ଜାଣିନଥିବେ ଯେ ଡକ୍ଟର ପ୍ରମୋଦ ମିଶ୍ର ୧୯୭୨ ମସିହାରେ ପ୍ରଥମ ଚାନ୍ସରେ ଆଇଏଏସ୍ ପାଇ ଗୁଜୁରାଟ କ୍ୟାଡ଼ରରେ ଥିବାବେଳେ କମ୍ ସମୟ ପାଇଁ ଓଡ଼ିଶାରେ ଡେପୁଟେସନରେ ରହିଥିଲେ। ତାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା ଦେବଗଡ଼ ଜିଲ୍ଲାର ରେଙ୍ଗାଲୀ ନଦୀବନ୍ଧ ଯୋଜନାର ବିସ୍ଥାପନ ଓ ଥଇଥାନ କାର୍ଯ୍ୟକ୍ରମ। ଏହି ବଡ଼ ପ୍ରକଳ୍ପ ପାଇଁ ବାସହରାଙ୍କ ପ୍ରବଳ ପ୍ରତିରୋଧର ଶିକାର ହୋଇଥିଲେ ପ୍ରଶାସନ ଓ ସରକାର। ତେବେ ଧୈର୍ଯ୍ୟଶୀଳ ଏହି କାର୍ଯ୍ୟ କୁଶଳୀ ସୁଦକ୍ଷ ଆଇଏଏସ୍ ପ୍ରଭାବିତ ଅଞ୍ଚଳ ନିୟମିତ ଭାବେ ଗ୍ରସ୍ତ କରି ବନ୍ଧ ନିର୍ମାଣ କାର୍ଯ୍ୟକୁ ଆଗେଇ ନେବା ସହ ବାସହରାଙ୍କ ବିଶ୍ୱାସ ଜିତିବାରେ ସକ୍ଷମ ହୋଇଥିଲେ। ତାଙ୍କରି ପାଇଁ ସେ ସମୟର ଉଗ୍ର ଜନଆନ୍ଦୋଳନ ଥଣ୍ଡା ପଡ଼ି ଯାଇଥିଲା। ଏହି ବିସ୍ଥାପନ ଓ ଥଇଥାନ ଉପରେ ସେ ଏକ ବ୍ରୁ ବୁକ୍ ପୁସ୍ତକ ରଚନା କରିଯାଇଛନ୍ତି।

ପିଲାଟି ଦିନରୁ ଅତ୍ୟନ୍ତ ମେଧାବୀ ଥିବା ଡକ୍ଟର ମିଶ୍ର ଜିଏମ୍ କଲେଜର ଛାତ୍ର ଥିବାବେଳେ ସେ ସମୟରେ ଗୋଲବଜାରର ଏକ ପାଠାଗାରକୁ ନିୟମିତ ଯାଉଥିଲେ। ଛାତ୍ର ଜୀବନରେ ବନ୍ଧୁ ମାନଙ୍କୁ ନେଇ ନିୟମିତ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରୁଥିଲେ। 'ଦ କ୍ୱେଷ୍ଟ' ନାମରେ ଏକ ଡିବେଟ ସୋସାଇଟି ଗଠନ କରିଥିଲେ। ତାଙ୍କ ସରଳତାର ବଡ଼ ଉଦାହରଣ ଥିଲା ଗୁଜୁରାଟରେ ସିଏ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥାଇ ମଧ୍ୟ ନିଜ ଜନ୍ମ ସ୍ଥାନକୁ ଆସୁଥିବାବେଳେ ଘରର ସାଇକେଲଟି ଧରି ସାଙ୍ଗ ଓ ବନ୍ଧୁବର୍ଗଙ୍କୁ ଭେଟୁଥିଲେ। ସମ୍ବଲପୁର ସହର ପଟ୍ଟନାୟକପଡ଼ା ପ୍ରାଥମିକ ବିଦ୍ୟାଳୟ, ଚନ୍ଦ୍ରଶେଖରପୁର ବେହେରା ଜିଲ୍ଲା ସ୍କୁଲ ତଥା ଗଙ୍ଗାଧର ମେହେର କଲେଜର ଏହି ଗୌରବପୂର୍ଣ୍ଣ ଛାତ୍ର ଆଜି ଦେଶର ଶକ୍ତିଶାଳୀ କ୍ଷମତା କେନ୍ଦ୍ରର ଏକ ପ୍ରମୁଖ ଅଂଶ ପାଲଟିଛନ୍ତି। ନିଜ ବାଲ୍ୟ ସ୍କୁଲ ପଟ୍ଟନାୟକପଡ଼ା ସ୍କୁଲକୁ ମଡ଼େଲ ବିଦ୍ୟାଳୟ କରିବା ପାଇଁ ତାଙ୍କ ଉଦ୍ୟମରେ ଦୁଇକୋଟି ଟଙ୍କାର ଅନୁମୋଦନ ମିଳିଛି। ୨୦୦୧ର ଗୁଜୁରାଟ ଭୂକମ୍ପ ଡକ୍ଟର ମିଶ୍ରଙ୍କ ସହ ମୋଦିଙ୍କ ସମ୍ପର୍କରୁ ଆହୁରି ମଜଭୁତ୍ କରିଥିଲା। ତାଙ୍କର ପ୍ରସିଦ୍ଧ ଲୋକପ୍ରିୟ ଓ ଅନ୍ୟତମ ବେଷ୍ଟ ସେଲର ପୁସ୍ତକ 'ଦ କଚ୍ ଆର୍ଥ କ୍ୱିକ୍-୨୦୦୧ : ଲେସନ ଆଣ୍ଡ ଇନ୍‌ସାଇଟ-୨୦୦୫' ତାଙ୍କୁ ପ୍ରଚୁର ପାଠକୀୟ ଆଦୃତି ଦେଇଛି। ୨୦୧୫ ନେପାଳ ଭୂମିକମ୍ପ ହେଉ ବା ୨୦୧୮ର କେରଳ ବନ୍ୟା ଏପରିକି ୨୦୧୯ର ଓଡ଼ିଶା ବାତ୍ୟାପରି ପ୍ରାକୃତିକ ବିପର୍ଯ୍ୟ ସମୟରେ ତାଙ୍କ ଅଭିଜ୍ଞତାକୁ ସରକାର ଉପଯୋଗ କରି ପରବର୍ତ୍ତୀ ଭିତ୍ତିଭୂମି ସଜାଡ଼ି ଥିଲେ। ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଗର୍ବ ଓ ଆନନ୍ଦର ପ୍ରତୀକ ପାଲଟିଥିବା ଡକ୍ଟର ମିଶ୍ରଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ରାଜ୍ୟବାସୀଙ୍କ ସହ ଜଣାଉଛି।

ଡାକ୍ତର ନୀଳମାଧବ ପୃଷ୍ଟି,
ପାଣିକୋଇଲି, ଯାଜପୁର, ଦୂରଭାଷ : ୯୪୩୯୪୮୨୫୨୬

ଅସୁସ୍ଥ ଓଡିଶାର ଚିକିତ୍ସା !

କଟକସ୍ଥିତ ବଡ ଡାକ୍ତରଖାନା ବାରଣ୍ଡାରେ ରୋଗୀଙ୍କ ଚିକିତ୍ସା ଚାଲିଛି। ରକ୍ତ ନମୁନା ପାଇଁ ଅଢେଇ ଘଣ୍ଟା କାଳ ଧାଡିରେ ଛିଡା ହେବାକୁ ପଡୁଛି। ସିଟିସ୍କାନ ଏବଂ ଏମ୍‌ଆର୍‌ଆଇ ପାଇଁ ଦୁଇମାସ ଅପେକ୍ଷା କରିବାକୁ କୁହାଯାଉଛି। ଏହା ଓଡିଶାର ଚିକିତ୍ସା କ୍ଷେତ୍ରର ଚିତ୍ର। ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ ଯୋଜନା, ଜନନୀଠାରୁ ଆରମ୍ଭ କରି ସୁନେତ୍ର ଯାଏଁ ଅନେକ ପ୍ରକାରର ପ୍ରକଳ୍ପମାନ ଚାଲୁଥିଲେ ମଧ୍ୟ ଓଡିଶାରେ ସ୍ୱାସ୍ଥ୍ୟସେବାର ଚିତ୍ର ବଦଳି ପାରିନାହିଁ। ନୀତି ଆୟୋଗଙ୍କ ପକ୍ଷରୁ ଦେଶର ପ୍ରମୁଖ ୨୧ଟି ରାଜ୍ୟର ହିସାବକୁ ନେଇ ଯେଉଁ ସ୍ୱାସ୍ଥ୍ୟସେବା ସ୍ଥିତିର ତାଲିକା ପ୍ରକାଶ ପାଇଛି ସେଥିରେ ୧୮ତମ ସ୍ଥାନରେ ଓଡିଶା ରହିଛି। ଓଡିଶା ତଳକୁ ଉତ୍ତରାଖଣ୍ଡ, ବିହାର, ଉତ୍ତର ପ୍ରଦେଶ ରାଜ୍ୟ ରହିଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡିଶାର ପ୍ରଦର୍ଶନ ପୂର୍ବାପେକ୍ଷା ଖରାପ ହୋଇଛି ଏବଂ ସେଥିପାଇଁ ରାଜ୍ୟର ୩.୪୬ ଅଙ୍କ ହ୍ରାସ ପାଇଛି ବୋଲି କୁହାଯାଉଛି। କେରଳ ଏ କ୍ଷେତ୍ରରେ ଦେଶରେ ପ୍ରଥମ ସ୍ଥାନରେ ରହିଛି। ଓଡିଶା ତଳକୁ ଥିବା ରାଜ୍ୟ ବିହାର, ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡର ଯଥାକ୍ରମେ ୬.୩୫, ୫.୦୮ ଓ ୫.୦୨ଅଙ୍କ କଟିଯାଇଛି। ବିହାରରେ ହୋଇଥିବା ଶିଶୁମୃତ୍ୟୁ ଘଟଣା ରାଜ୍ୟର ସ୍ୱାସ୍ଥ୍ୟସେବା ସ୍ଥିତିକୁ ସାରା ଦେଶବାସୀଙ୍କୁ ଜଣାଇଦେଇଛି। ହେଲେ ଓଡିଶାର ଗତ ନିର୍ବାଚନ ସମୟରେ ରାଜ୍ୟ ସରକାର ବିଜ୍ଞାପନ ମାଧ୍ୟମରେ ଯେଉଁ ରଙ୍ଗୀନ ଛବି ଦେଖାଇବାକୁ ଚେଷ୍ଟା କରିଥିଲେ, ତା'ର ବାସ୍ତବତା ଏବେ ସମସ୍ତଙ୍କ ସମ୍ମୁଖରେ। ନିକଟରେ ନୂତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଘନଘନ ବୈଠକ କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟରେ ଯୁଗାନ୍ତକାରୀ ପରିବର୍ତ୍ତନ ହେଉଥିବା ନେଇ ଖବର ଦେଇଥିଲେ। ଭିତ୍ତିଭୂମି ନିର୍ମାଣଠାରୁ ଆରମ୍ଭ କରି ଚିକିତ୍ସା ପର୍ଯ୍ୟନ୍ତ କେତେ କ'ଣ କରାଯାଉଛି, ତା'ର ମଧ୍ୟ ବିବରଣୀ ଦେଇଥିଲେ। ହେଲେ ସାଧାରଣ ଜନତା ଯେଉଁଠି ଥିଲେ, ସେଠାରେ ରହିଛନ୍ତି। ସଡକ ନଥିବାରୁ କୋରାପୁଟ ଏବଂ ମାଲକାନଗିରିରେ ଗର୍ଭବତୀଙ୍କୁ ଡାକ୍ତରଖାନାକୁ ଆଣିବାକୁ କେତେବେଳେ ସିଆର୍‌ପିଏଫ୍ ଯବାନ୍ ଆଉ କେବେ ଖୋଦ୍ ବରିଷ୍ଠ ଅଧିକାରୀ କାନ୍ଧେଇ କରି ଆଣିବା ଖବର ଭାଇରାଲ ହୋଇ ଲୋକଲୋଚନକୁ ଆସୁଛି। ପୂର୍ବରୁ ଦାନ ମାଝିଙ୍କ ଶବ ବୋହିବା ଘଟଣା ଏକଦା ସାରାଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା। କିନ୍ତୁ ଏବେ ଅନେକ ଦାନ ମାଝିଙ୍କୁ ଆମେ ସବୁ ସପ୍ତାହରେ ଖବରକାଗଜରୁ ପଢିବାକୁ ପାଉଛୁ। ନଗଡାରେ ଅପପୁଷ୍ଟି ଯୋଗୁ ଶିଶୁ ମୃତ୍ୟୁ ଘଟଣା ମଧ୍ୟ ଏକଦା ରାଜ୍ୟରେ ଆଲୋଚନାର ମୁଖ୍ୟ ବିଷୟ ହୋଇଥିଲା। ଆଉ ଆଜି ମଧ୍ୟ ସେଠାକାର ଚିତ୍ର ବହୁତ କିଛି ବଦଳିନାହିଁ। ରାଜ୍ୟରେ ଶିଶୁମୃତ୍ୟୁ ହାର ଯେମିତି ଜାରି ଅଛି ସେମିତି ସଂଖ୍ୟାଧିକ ରୋଗୀ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରୁଛନ୍ତି। ଗତ ୨୦ବର୍ଷରେ ରାଜ୍ୟରେ ମଦ୍ୟପାନ ୧୦ଗୁଣ ବଢିଥିଲେ ହେଁ ସରକାର ନିୟନ୍ତ୍ରଣ କରୁନାହାନ୍ତି। ଅପରପକ୍ଷେ ପ୍ରତିଦିନ ଏଥିପାଇଁ ମୃତ୍ୟୁହାର ବଢିବାରେ ଲାଗିଛି। କିଡନୀ ରୋଗର ଡାଏଲିସିସ୍ ପାଇଁ ଅତ୍ୟାଧୁନିକ ସୁବିଧାର ଅଭାବ ଓ ବାହାରକୁ ଯାଇ ଚିକିତ୍ସିତ ହେବାଲାଗି ଅର୍ଥର ଅଭାବ ହେତୁ ଅନେକ ଗ୍ରାମାଞ୍ଚଳର ରୋଗୀ ଉପଯୁକ୍ତ ଚିକିତ୍ସା ପାଇପାରୁନାହନ୍ତି। ଅଥଚ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆମର ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଦେଶରେ ଦ୍ୱିତୀୟ ସ୍ଥାନ ଲାଭ କରିଛି। ନୀତି ଆୟୋଗଙ୍କ ବାର୍ଷିକ ରିପୋର୍ଟରେ ୨୧ରାଜ୍ୟ ଏବଂ ୮ଛୋଟ ରାଜ୍ୟ ଏବଂ ତୃତୀୟ ଶ୍ରେଣୀରେ କେନ୍ଦ୍ର ଶାସିତ ଅଞ୍ଚଳକୁ ବିଚାରକୁ ନିଆଯାଇଥିଲା। ନବଜାତକଙ୍କ ମୃତ୍ୟୁ, ପ୍ରଜନନ ହାର, ପୁଅ-ଝିଅ ଜନ୍ମ ଅନୁପାତ, ଜନ୍ମ ପଞ୍ଜିକରଣ ସ୍ତର, ନର୍ସମାନଙ୍କର ସଂଖ୍ୟା ପରି ୨୩ଟି ବିଷୟକୁ ନେଇ ଅଙ୍କ ପ୍ରଦାନ କରାଯାଇଥିଲା। ଛୋଟ ରାଜ୍ୟଗୁଡିକ ମଧ୍ୟରେ ତ୍ରିପୁରା ଏବଂ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ଦାଦ୍ରା ଓ ନଗର ହାବେଲି ରହିଛି। ଓଡିଶା ରାଜ୍ୟ ସରକାର ଏଠାକାର ସ୍ୱାସ୍ଥ୍ୟ-ସେବାର ଦୟନୀୟ ସ୍ଥିତିକୁ ନେଇ ଉତ୍ତରଦାୟୀ ହେବା ଆବଶ୍ୟକ। ରାଜ୍ୟର ବେସରକାରୀ ଡାକ୍ତରଖାନା ଏବଂ ନର୍ସିଂହୋମ ଗୁଡିକରେ ଏବେ ଆଉ ବିଜୁ ସ୍ୱାସ୍ଥ୍ୟ ଯୋଜନାର ଚିକିତ୍ସା ରୋଗୀମାନଙ୍କୁ ମିଳିବ ନାହିଁ ବୋଲି ଜଣାପଡିଛି। କାରଣ ପୂର୍ବରୁ ଚିକିତ୍ସିତ ହୋଇଥିବା ରୋଗୀମାନଙ୍କର ଦେୟ ପ୍ରାୟ ୩୦ କୋଟି ଟଙ୍କା ରାଜ୍ୟ ସରକାର ସଂପୃକ୍ତ ଡାକ୍ତରଖାନା ଓ ନର୍ସିଂହୋମଗୁଡିକୁ ଅଦ୍ୟାବଧି ଦେଇପାରି ନାହାନ୍ତି। ଅପରପକ୍ଷେ ବେସରକାରୀ ଡାକ୍ତରଖାନା ଏବଂ ନର୍ସିଂହୋମଗୁଡିକ ବିଜୁସ୍ୱାସ୍ଥ୍ୟ ଯୋଜନାରୁ ଅନେକ ସମୟରେ ମିଛ ବିଲ୍ କରି ସରକାରଙ୍କଠାରୁ ଅର୍ଥ ମାଗୁଛନ୍ତି ବୋଲି ଅଭିଯୋଗ ଆସିଛି। କାରଣ ଅନେକ ସମୟରେ ସାମୂହିକ ଚିକିତ୍ସା ନାମରେ ଆସୁଥିବା ଗ୍ରାମାଞ୍ଚଳର ଲୋକମାନଙ୍କ ଆବଶ୍ୟକ ନଥାଇ ଅଧିକ ପରୀକ୍ଷା କରାଯାଇ ସେମାନଙ୍କ ନାମରେ ଚିକିତ୍ସା ବିଲ୍ ସରକାରଙ୍କୁ ପଠାଯାଉଥିବା ଅଭିଯୋଗ ବେସରକାରୀ ଡାକ୍ତରଖାନା ଏବଂ ନର୍ସିଂହୋମଗୁଡିକର ନାମରେ ଉଠିଛି। ସମସ୍ତଙ୍କୁ ଉଚ୍ଚମାନର ଚିକିତ୍ସା ଦେବାପାଇଁ ଏବେ ମୋ' ସରକାର କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାସ୍ତରୀୟ ଚିକିତ୍ସାଳୟର ସମୀକ୍ଷା କରି ଶଯ୍ୟାସଂଖ୍ୟା ବୃଦ୍ଧି, ଡାକ୍ତରସଂଖ୍ୟା ବୃଦ୍ଧି, ରୋଗୀମାନଙ୍କ ସହାୟକ ରହିବାପାଇଁ ଗୃହନିର୍ମାଣ କରିବା ଲାଗି ଯୋଜନା ସରକାର କଲେଣି। ୨୦୨୫ ସୁଦ୍ଧା ରାଜ୍ୟର ସମସ୍ତଙ୍କୁ ମାଗଣା ସ୍ୱାସ୍ଥ୍ୟସେବାର ସୁବିଧା ପ୍ରଦାନ ପାଇଁ ଲକ୍ଷ୍ୟ ରଖିଥିବା ରାଜ୍ୟ ସରକାରଙ୍କ ଘୋଷମା ବେସରକାରୀ ଚିକିତ୍ସା ଅନୁଷ୍ଠାନଗୁଡିକ ଲାଗି ଅସୁବିଧା ସୃଷ୍ଟି କରିପାରେ। ବିଜୁ ସ୍ୱାସ୍ଥ୍ୟ ଯୋଜନାର ଭବିଷ୍ୟତ ଏବେ ଅଡୁଆ ସୂତାରେ ଛନ୍ଦି ହେଲାପରି ପରିସ୍ଥିତି ସୃଷ୍ଟି ହୋଇଛି। ସମସ୍ତଙ୍କୁ ମାଗଣା ଚକସ୍ସା ସେବା ଯୋଗାଇ ଦେବା ପାଇଁ ଭିଜନ-୨୦୨୫ ଅନୁଯାୟୀ କାର୍ଯ୍ୟ କରିବ ବୋଲି ସରକାର ଘୋଷଣା କରିଛନ୍ତି।। ଏଥିପାଇଁ ନୂତନ ସ୍ୱାସ୍ଥ୍ୟନୀତି ପ୍ରଣୟନ କରାଯିବ। ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଜନସାଧାରଣଙ୍କୁ ଯୋଗାଇ ଦେବା ଏହି ସ୍ୱାସ୍ଥ୍ୟନୀତିର ଲକ୍ଷ୍ୟ ରହିବ। ଏ ଉଦ୍ଦେଶ୍ୟରେ ଶହେଦିନିଆ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ତଳୁ ଉପରଯାଏ ସବୁ ଡାକ୍ତରଖାନାରେ କାର୍ଯ୍ୟକାରୀ କରାଯିବାଲାଗି ଯୋଜନା ହୋଇଛି। ଏଥିପାଇଁ ରାଜ୍ୟ ସଚିବାଳୟଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କର ଏକ ଦୁଇଦିନିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନାକୁ ସଫଳ କରିବା ପାଇଁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଢାଞ୍ଚାଗତ ନିର୍ମାଣ ଉପରେ ଜୋର ଦିଆଯାଇଛି। ଅଧିକ ସଂଖ୍ୟକ ମେଡିକାଲ କଲେଜ ଖୋଲି ଅଧିକ ଡାକ୍ତର ଏବଂ ସେବା ସହଯୋଗୀ ପ୍ରସ୍ତୁତ କରିବା ସରକାରଙ୍କର ଲକ୍ଷ୍ୟ ରହିଥିବା ଜଣାପଡିଛି। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟରେ ଡାକ୍ତରମାନେ ବଳକା ହେବେ ବୋଲି ସରକାରୀ ସୂତ୍ରରୁ ପ୍ରକାଶ। ଦେଶରେ ଲୋକସଂଖ୍ୟା ଓ ଡାକ୍ତରଙ୍କ ଅନୁପାତ ଦୃଷ୍ଟିରୁ ଓଡିଶା ପଛରେ ରହିଛି। ଉପଯୁକ୍ତ ଚିକିତ୍ସାସେବା ନପାଇ ପ୍ରତିବର୍ଷ ସଂଖ୍ୟାଧିକ ଲୋକ ରାଜ୍ୟରେ ମୃତ୍ୟୁବରଣ କରୁଥିଲାବେଳେ ଅଳ୍ପ କିଛି ଆର୍ଥିକ ସ୍ୱଚ୍ଛଳ ବର୍ଗର ରୋଗୀ ରାଜ୍ୟ ବାହାରକୁ ଯାଇ ଚିକିତ୍ସା ସୁବିଧା ପାଉଛନ୍ତି। ତେବେ କ୍ୟୁବା ପରି ଛୋଟ ଦେଶରେ ଚିକିତ୍ସା ସଂପୂର୍ଣ୍ଣ ରୂପେ ମାଗଣା କରାଯାଇଛି। ଅପରପକ୍ଷେ ରୋଗରୁ ମୁକ୍ତି ପାଇଁ ଲୋକଙ୍କ ମଧ୍ୟରେ ସଚେତନତାକୁ ଅଧିକ ସୁଦୃଢ କରାଯାଇଛି। ରୋଗ ନହେବା ପାଇଁ ପୂର୍ବରୁ ଯତ୍ନ ନେବାଦ୍ୱାରା ଲୋକେ ଅନେକପ୍ରକାର ବ୍ୟାଧିରୁ ରୋଗମୁକ୍ତ ହେଉଛନ୍ତି। କ୍ୟୁବାପରି ଏକ ଗରିବ ରାଷ୍ଟ୍ରରେ ଯଦି ମାଗଣା ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଇଁ ଦିଆଯାଇପାରୁଛି ତେବେ ଓଡିଶାରେ କାହିଁକି ଦିଆଯାଇପାରୁନାହିଁ ତାହାହିଁ ବଡ ପ୍ରଶ୍ନ।

ସୌମେନ୍ଦ୍ର ଜେନା,
ଭାରତୀୟ ସମ୍ବାଦ ସେବା (ଭାସ୍),
ଭୁବନେଶ୍ୱର-୭୫୧୦୦୩

ସେକ୍ଟର-୬ ଜଗନ୍ନାଥ ମନ୍ଦିରରେ କାର୍ତ୍ତିକ ମାହାତ୍ମ୍ୟ ଓ ମହାପ୍ରସାଦ ସେବା

କଟକ (ପିଏନ୍): କଟକ ସିଡିଏ-୬ ସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ପକ୍ଷରୁ ପବିତ୍ର କାର୍ତ୍ତିକ ମାସ ପୂଜା, ନାମ ସଂକୀର୍ତ୍ତନ, ଜଗନ୍ନାଥ ସହସ୍ରନାମ ପାଠ, ଆଧ୍ୟାତ୍ମିକ ଆଲୋଚନା ଓ ମହାପ୍ରସାଦ ସେବା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜଗନ୍ନାଥ ଗବେଷଣା ସଂସ୍କୃତିର ଲେଖକ ଓ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ୟୋକ୍ତା ଦେବାଶିଷ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକମାସ ବ୍ୟାପୀ ପବିତ୍ର କାର୍ତ୍ତିକ ମାସ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପାର୍ଶ୍ୱଦେବାଦେବୀଙ୍କ ନିତ୍ୟ ପୂଜା ସହ, ଅଖଣ୍ଡ ନାମ ସଂକୀର୍ତ୍ତନ, ପ୍ରତ୍ୟୁଷରେ ଜଗନ୍ନାଥ ନାମପାଠ ପୂର୍ବକ ପଦଯାତ୍ରା, ଆଧ୍ୟାତ୍ମିକ ଆଲୋଚନା ସହ ସହରର ଅସହାୟ ଓ ଅନାଥ ଶିଶୁ ତଥା ବୟସ୍କ ଶ୍ରଦ୍ଧାଳୁଙ୍କୁ ବିନା ମୂଲ୍ୟରେ ମହାପ୍ରସାଦ ବଣ୍ଟନ କରାଯାଇଥିଲା। ଭିନ୍ନକ୍ଷମ ଓ ପୀଡ଼ିତ ପରିଣତ ବୟସର ନାଗରିକମାନଙ୍କ ଘରକୁ ମନ୍ଦିର ପରି

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୧୯, ନଭେମ୍ବର ୦୬

ରାଜକୋଷର ଦୁରୁପଯୋଗ !

ଗୋଟିଏ ଜାତି ବା ରାଷ୍ଟ୍ର ଜୀବନରେ ବରପୁତ୍ରମାନଙ୍କର ପ୍ରତିମା, ପ୍ରତିକୃତି ସ୍ଥାପନର ଯଥାର୍ଥତା ରହିଛି । ଯେଉଁ ଐତିହାସିକ ପୁରୁଷମାନଙ୍କର ଅବଦାନରେ ଜାତି, ଅଞ୍ଚ. ରାଜ୍ୟ ଓ ସମୁଦାୟ ବହୁଳଭାବେ ଉପକୃତ ସେମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ପ୍ରଶ୍ନ କରାଯାଇ ନ'ପାରେ । ଏହି ବ୍ୟକ୍ତିତ୍ୱମାନଙ୍କ ସହ ଲୋକଙ୍କର ଏକ ଭାବଗତ ସମ୍ପର୍କ ଥାଏ । ଦେଶର ଅନେକ ରାଜନୈତିକ ଦଳ ମଧ୍ୟ ନିଜନିଜର ଆଦର୍ଶ ଭିତ୍ତିରେ ନେତା ବା ରାଷ୍ଟ୍ରପୁରୁଷମାନଙ୍କର ସ୍ମାରକୀ ଓ ପ୍ରତିକୃତି ନିର୍ମାଣ କରୁଛନ୍ତି । ଏଥିରେ କାହାରି କିଛି ଆପତ୍ତି କରିବାର ନାହିଁ । ମାୟାବତୀଙ୍କ ଦ୍ୱାରା ବ୍ୟୟବହୁଳ ଆମ୍ବେଦକର ସ୍ମାରକୀ ନିର୍ମାଣ ପରେ ଏନ୍‌ଡିଏ ସରକାର ଲୌହପୁରୁଷ ସର୍ଦ୍ଦାର ପଟେଲଙ୍କର ଏକ ବିରାଟ ପ୍ରତିକୃତି ବହୁ ଅର୍ଥ ଖର୍ଚ୍ଚ କରି ନିର୍ମାଣ କରିଛନ୍ତି । ଏବେ ମହାରାଷ୍ଟ୍ରର ବିଜେପି ସରକାର ମୁମ୍ବଇ ନିକଟ ଏକ କ୍ଷୁଦ୍ର ଦ୍ୱୀପରେ ୩୬୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଛତ୍ରପତି ଶିବାଜୀଙ୍କର ଏକ ବିରାଟ ପ୍ରତିମା ଓ ସ୍ମାରକୀ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛି । ମହାରାଷ୍ଟ୍ରର ଇତିହାସ ଓ ରାଜନୀତିରେ ଶିବାଜୀଙ୍କ ଗୁରୁତ୍ୱ ଦୃଷ୍ଟିରୁ ଏହି ସ୍ମାରକୀ ନିର୍ମାଣ ପ୍ରଶ୍ନାତୀତ ନହେଲେ ମଧ୍ୟ ଏଥିପାଇଁ ରାଜକୋଷରୁ ଦରିଦ୍ର କରଦାତାଙ୍କ ଅର୍ଥକୁ ଖର୍ଚ୍ଚ କରାଯିବାର ଯେଉଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ତାହା ବିଚାରବନ୍ତ ମଣିଷର ବିବେକ ଚହଲାଇ ଦେବାକୁ ଯଥେଷ୍ଟ । ସ୍ୱୟଂ ପ୍ରଧାନମନ୍ତ୍ରୀ ମଧ୍ୟ ଏହି ପ୍ରକଳ୍ପର ଖର୍ଚ୍ଚକୁ ଗୁରୁତ୍ୱ ନ ଦେଇ ଏହାର ଶୁଭଦାନ କରିବା ସାଂପ୍ରତିକ ବିମୁଦ୍ରାୟନ କାଳରେ ଆଶ୍ଚର୍ଯ୍ୟ ଲାଗେ । ଏଭଳି ଏକ ପ୍ରକଳ୍ପ ପାଇଁ ସରକାର କିଛି ସହାୟତା ଦେବା ଭିନ୍ନ କଥା; ପୂରା ବ୍ୟୟଭାର ମୁଣ୍ଡାଇବାର କୌଣସି ଯୁକ୍ତି ଦେଖାଯାଉନାହିଁ । ଏହି ସ୍ମାରକୀ ପାଇଁ ଯଦି ସର୍ବସାଧାରଣରୁ ଦାନ ବା ଚାନ୍ଦା ଆକାରରେ ପାଣ୍ଠି ସଂଗ୍ରହ କରାଯାଇଥାନ୍ତା, ସେଥିରେ ହୁଏତ କାହାର କିଛି କହିବାର ନଥିଲା; ମାତ୍ର ଏ ବାବଦ ବିପୁଳ ବ୍ୟୟ ମହାରାଷ୍ଟ୍ର ରାଜକୋଷରୁ ଖର୍ଚ୍ଚ କରିବା ନିଷ୍ପତ୍ତି ନିଶ୍ଚିତ ଆପତ୍ତିଜନକ ମନେହୁଏ । ମହାରାଷ୍ଟ୍ରର ଆର୍ଥିକ ଅବସ୍ଥା ଏବେ ଭଲ ନୁହେଁ । ଏହା ଦେଶର ସବୁଠୁ ଅଧିକ ଋଣଗ୍ରସ୍ତ ରାଜ୍ୟ । ମହାରାଷ୍ଟ୍ରରେ କରଜ ଶୁଝି ନ ପାରି ଚାଷୀ ଆତ୍ମହତ୍ୟା ହାର ସର୍ବାଧିକ । ଚାଷୀ ମୂଲିଆଙ୍କଠାରୁ ସାଧାରଣ ଜନତା ରୋଜଗାର ପାଇଁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ଯୋଜନାକୁ ଅପେକ୍ଷା କରି ରହିଥିବାବେଳେ ପଇସାକର ଲାଭର ସମ୍ଭାବନା ନଥିବା ଏଭଳି ଏକ ସ୍ମାରକୀରେ ୩୬୦୦ କୋଟି ଟଙ୍କାର ରାଜସ୍ୱଖର୍ଚ୍ଚ ନିଷ୍ପତ୍ତି କେତେ ଯୁକ୍ତିଯୁକ୍ତ ? ମହାରାଷ୍ଟ୍ରରେ ସଚେତନ ବୁଦ୍ଧିଜୀବୀ ଓ ଚିନ୍ତାନାୟକଙ୍କର ଅଭାବ ନାହିଁ । ଦେଶରେ ମଧ୍ୟ ସମମନୋଭାବାପନ୍ନ ଲୋକଙ୍କର ସଂଖ୍ୟା ବି କିଛି କମ୍ ନୁହେଁ । ମହାରାଷ୍ଟ୍ର ସରକାରଙ୍କ ଏଭଳି ନିଷ୍ପତ୍ତିରେ ସେମାନେ ଖୁସି ନଥିଲେ ମଧ୍ୟ ପ୍ରକାଶ୍ୟ ବିରୋଧ କରିବା ଅବସ୍ଥାରେ ନାହାନ୍ତି । ତାହାର କାରଣ ଅତି ସରଳ । ଏହାପଛରେ ମହାରାଷ୍ଟ୍ର ଜନତାଙ୍କ ଭାବଗତ ସମ୍ପର୍କ ଅପେକ୍ଷା ରାଜନୀତି ଅଧିକ । ସେଠାରେ ସଂରକ୍ଷଣ ଓ ଅନ୍ୟାନ୍ୟ ରାଜନୈତିକ ସୁବିଧାସୁଯୋଗ ଦାବି କରୁଥିବା ମରାଠାମାନଙ୍କୁ ମନେଇବା ପାଇଁ ରାଜ୍ୟ ସରକାରଙ୍କର ଏହା ଏକ ପ୍ରୟାସ । ମରାଠାମାନଙ୍କ ସଂଖ୍ୟା ରାଜ୍ୟର ଜନସଂଖ୍ୟାର ୩୩% । ସେମାନଙ୍କୁ ତୋଷ କରିବାପାଇଁ ମରାଠାବୀର ଶିବାଜୀଙ୍କ ଏକ ବ୍ୟୟବହୁଳ ସ୍ମାରକୀ ନିର୍ମାଣ ପାଇଁ ଅଜସ୍ର ଅର୍ଥ ରାଜକୋଷରୁ ବ୍ୟୟ କରିବାକୁ ସେଠା ସରକାରଙ୍କ ପ୍ରୟାସ ଯେ ସଫଳ ହେବ ତାହା ବିଶ୍ୱାସ ହେଉନାହିଁ । ସେଠାକାର ରାଜନୈତିକ, ଆର୍ଥିକ ଓ ସାମାଜିକ ସମୀକରଣକୁ ବଦଳାଇବାରେ ଶିବାଜୀ ସ୍ମାରକୀ ସମର୍ଥ ହେବା ସମ୍ଭାବନା କମ୍; କାରଣ ମରାଠାମାନେ ଭାବଗତ ପ୍ରସଙ୍ଗର ଉପରକୁ ଉଠି ବାସ୍ତବତାକୁ ଏବେ ଧରିବାକୁ ଚେଷ୍ଟା କରୁଛନ୍ତି । ଏଭଳି ପ୍ରସଙ୍ଗରେ ରାଜନୈତିକ ବିରୋଧ ପ୍ରାୟ ଆସେନାହିଁ । ଭୋଟ ରାଜନୀତିରେ ଭାବଗତ ପ୍ରସଙ୍ଗରେ କୌଣସି ଦଳ ଅନ୍ତରାୟ ସୃଷ୍ଟି କରି ନିଜର ଭୋଟବ୍ୟାଙ୍କ ଉଜାଡ଼ିବାକୁ ଚାହାନ୍ତି ନାହିଁ । ଆନ୍ଧ୍ରରେ ରାଜୁ, ଗୁଜରାଟରେ ପଟିଦାର, ହରିୟାଣାରେ ଜାଠ୍ ରାଜନୈତିକ ସୁବିଧାସୁଯୋଗ ଓ ସ୍ଥାନସଂରକ୍ଷଣ ଦାବିରେ ଏବେ ମଧ୍ୟ ସରକାରଙ୍କୁ ନିଶାଣ କରୁଛନ୍ତି । ସମସ୍ୟାର ରାଜନୈତିକ ସମାଧାନ ଲୋଡ଼ା, ତା'ନକରି ଏକ ଭାବଗତ ପ୍ରସଙ୍ଗକୁ ଉତ୍‌ଥାପନ କରି ସେଥିରେ ବିପୁଳ ସରକାରୀ ଅର୍ଥ ବ୍ୟୟ କରିଦେଲେ କ୍ଷୁବ୍ଧ ଲୋକଙ୍କ ସମସ୍ୟାର ସମାଧାନ ହେବନାହିଁ ବରଂ ସରକାରଙ୍କ ଅବିମୃଶ୍ୟକାରିତା ଧରାପଡ଼ିବ । ପରିସଂଖ୍ୟାନ କହୁଛି ଦେଶର ଅନ୍ୟତମ ଆଗୁଆ ରାଜ୍ୟଭାବେ ବିବେଚିତ ମହାରାଷ୍ଟ୍ରରେ ଏବେ ୧୦ ଜଣରେ ଜଣେ ଶିଶୁ କୁପୋଷଣ ଓ ୭୪ଶତାଂଶ ରକ୍ତହୀନତାର ସମ୍ମୁଖୀନ । ରାଜ୍ୟର ଜନଜାତି ଅଞ୍ଚଳର ଲୋକଙ୍କ ଅବସ୍ଥା ଅତି ଖରାପ । ଗ୍ରାମୀଣ ମହାରାଷ୍ଟ୍ରରେ ଅର୍ଥନୀତି ଏବେ ବିପର୍ଯ୍ୟସ୍ତ । ଏଭଳି ସ୍ଥିତିରେ ସ୍ମାରକୀ ନିର୍ମାଣ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ଯଦି ସେମାନଙ୍କ କଲ୍ୟାଣ ପାଇଁ ଖର୍ଚ୍ଚ କରାଯାଇଥା'ନ୍ତା ତାହା ବୀର ଶିବାଜୀଙ୍କ ପ୍ରତି ବୋଧହୁଏ ଏକ ଯଥାର୍ଥ ଶ୍ରଦ୍ଧାଞ୍ଜଳି ହୋଇଥାନ୍ତା । ଶିବାଜୀ ବଞ୍ଚିଥିଲେ ମହାରାଷ୍ଟ୍ର ସରକାରଙ୍କ ଏଭଳି ନିଷ୍ପତ୍ତିରେ ନିଶ୍ଚିତ ବ୍ୟଥିତ ଓ ମର୍ମାହତ ହୋଇଥା'ନ୍ତେ । ସେ ନିଜର ଶକ୍ତି, ସାମର୍ଥ୍ୟ ଓ ଲଢୁଆପଣ ଉପରେ ଭରସା କରୁଥିଲେ ଏବଂ ମରାଠାମାନଙ୍କୁ ଶକ୍ତିଶାଳୀ କରି ଗଢ଼ି ତୋଳିବାକୁ ଉଦ୍ୟମ କରିଥିଲେ । ଶିବାଜୀଙ୍କ ପ୍ରତି ଏହା ସମ୍ମାନ ନା ଅସମ୍ମାନ ତାହା ବୋଧହୁଏ ମହାରାଷ୍ଟ୍ର ସରକାର ବୁଝିବା ଅବସ୍ଥାରେ ନାହାନ୍ତି । ଆଶାକରିବା ମହାରାଷ୍ଟ୍ର ସରକାରଙ୍କର ବିବେକ ଉଦୟ ହେବ ଏବଂ ଏହି ପ୍ରକଳ୍ପ ପାଇଁ ରାଜକୋଷର ଦୁରୁପଯୋଗ କରିବେ ନାହିଁ ।

ଆଜିର ଅନୁଚିନ୍ତା

ହୃଦୟକୁ ଖୋଲିଦେଲେ ସବୁ ଜ୍ଞାନ ସେହିଠାରୁ ହିଁ ମିଳିଥାଏ ।

ପଣ୍ଡିତ ନୀଳକଣ୍ଠ ଦାସ

୧୮୮୪ ମସିହା, ଅଗଷ୍ଟ ୫ ତାରିଖରେ ପୁରୀ ଜିଲ୍ଲାର ରାମଚନ୍ଦ୍ରପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ପଣ୍ଡିତ ନୀଳକଣ୍ଠ ଦାସ । ସତ୍ୟବାଦୀ ଯୁଗର ପଞ୍ଚସଖାଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଜଣେ ବକ୍ତା, ରାଜନୀତିଜ୍ଞ, ସମାଜ ସଂସ୍କାରକ ଓ ଦେଶଭକ୍ତ ଭାବେ ତାଙ୍କର ଅବଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ । ସେ ଉତ୍ତମ ଲେଖକ ମଧ୍ୟ ଥିଲେ । କୋଲକାତା ବିଶ୍ୱବିଦ୍ୟାଳୟରୁ ଏମ୍.ଫିଲ କରିଥିବା ନୀଳକଣ୍ଠ ବ୍ରିଟିଶ ସରକାରଙ୍କ ତରଫରୁ ଦିଆଯାଇଥିବା ଆକର୍ଷଣୀୟ ଚାକିରିକୁ ପାଦରେ ଆଡ଼େଇ ଦେଇଥିଲେ । ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ସେ ନିୟୋଜିତ ହୋଇଥିଲେ । ନୀଳକଣ୍ଠଙ୍କ ନାମକୁ ସାର୍ଥକ କରି ସେ ଶିଶୁଟି ଠିକ୍ ଯୋଗୀ ଶିବଙ୍କ ସଦୃଶ ତାଙ୍କର ଜୀବନ-ପଥରେ ଗତି କରିଥିଲେ । ନୀତି-ନିୟମ, ସାଧନା-ସଂଯମ, ଶୃଙ୍ଖଳା-ସମନ୍ୱୟକୁ ଜୀବନରେ ଅଙ୍ଗୀଭୂତ କରିନେବା ଥିଲା ତାଙ୍କର ଚିରାଚରିତ ଧାରା । ତାଙ୍କର କପାଳ ପ୍ରଦେଶ ଥିଲା ପ୍ରଶସ୍ତ । ନାକ ଥିଲା ସମୁନ୍ନତ । ଦୃଷ୍ଟିଶକ୍ତି ଥିଲା ତୀକ୍ଷ୍ଣ ଓ ଶାଣିତ । ଶ୍ମଶ୍ରୁଆଚ୍ଛାଦିତ ମୁଖମଣ୍ଡଳ ଥିଲା ଶାନ୍ତ ଓ ସ୍ନେହପ୍ରବହଣ । ସେ ଥିଲେ ଶୃଙ୍ଖଳା - ସଂଯମର ଏକ ଜୀବନ୍ତ ଶିଳାଲିପି । ତାଙ୍କର ସଂବେଦନଶୀଳ ଆତ୍ମା ଅନ୍ୟର ଦୁଃଖ ଦୁର୍ଦ୍ଦଶା ଦେଖି ବିଚଳିତ ହୋଇପଡୁଥିଲା । କୋଣାର୍କ ଯାତ୍ରୀ ବାଳକମାନଙ୍କ ପ୍ରତି ତାଙ୍କର କୋଣାର୍କେ କାବ୍ୟର ଉପୋଦ୍‌ଘାତରେ ତାଙ୍କର ବର୍ଣ୍ଣନା ପ୍ରାଣସ୍ପର୍ଶୀ । 'କି କରାଳ ଆଜି ରଜନୀ ? ବହେ ଝଂଝା ପବନ, ତରା ନ ଦିଶଇ ଗଗନେ, ଶୁଭେ ଘନ ଗର୍ଜନ । ମୂଳଷଧାରାରେ ଝଟିକା ଦିଏ କଚାଡ଼ି କେବେ, ଶୋଇ ପଡ଼ିଛ ତ ବାପା ହେ ଜାଣୁ ନଥିବ ଲବେ । ଆଜି ଯେ କୁଆଁର ପୁନିଅଁ କେତେ ସୁଖ ଶରଧା, ମାଆ ଭଉଣୀଙ୍କ ଆଦର, ନବ ବସନ ପିନ୍ଧା । ମନେ ପଡୁ ନାହିଁ ବାବୁ ହେ ଲାଗି ଯାଇଛି ନିଦ, ମାଆଭଉଣୀଏ ଭବନେ ଭଜିଥିବେ ବିଷାଦ । ଲୁଗାରେ ହଳଦି ଲଗାଇ ଚାହିଁ ଥିବେ ଜନନୀ, ପିଠାପଣା ଖାଉ ନଥିବ ସୁଖେ ଆଜି ଭଗିନୀ ।' ୧୯୦୪ ମସିହାରେ ପୁରୀ ସହରରେ ମଧୁବାବୁଙ୍କର ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହେଲା । ଏହା ଥିଲା ସ୍ୱଦେଶୀ ଆନ୍ଦୋଳନର ପ୍ରାରମ୍ଭିକ ପର୍ବ । ସ୍ୱଦେଶୀ ଆନ୍ଦୋଳନରେ ଯୋଗଦେବା ପାଇଁ ମଧୁସୂଦନ ଦସ୍ତଖତ ମାଗିଲେ । ବହୁ ସଂଖ୍ୟକ ପୁଲିସ୍ ସେଠାରେ ଉପସ୍ଥିତ ଥିଲେ । ତେଣୁ ସବୁ ଲୋକ ନୀରବ ରହିଲେ । ମାତ୍ର ୨୦ ବର୍ଷର ତରୁଣ ନୀଳକଣ୍ଠ ହିଁ କେବଳ ଦସ୍ତଖତ ଦେଇଥିଲେ । ତାରୁଣ୍ୟରୁ ସେ ଥିଲେ ଦୃଢ଼ମନା । ବଙ୍କିମଚନ୍ଦ୍ରଙ୍କର 'ଆନନ୍ଦ ମଠ'ର ପ୍ରଭାବ ନୀଳକଣ୍ଠଙ୍କୁ ବ୍ରହ୍ମଚାରୀ ଜୀବନଯାପନ ପ୍ରତି ସମାକୃଷ୍ଟ କରିଥିଲା । ସେ ହୃଦୟଙ୍ଗମ କରିଥିଲେ ପାରିବାରିକ ଜୀବନର ଜଞ୍ଜାଳ ଭିତରେ ସେ ପଥଭ୍ରଷ୍ଟ ହେବେ । ମାତ୍ର ବୃଦ୍ଧ ପିତାଙ୍କର କୁଳରକ୍ଷା ନିମିତ୍ତ ବିକଳ ଆବେଦନରେ ଗୋପବନ୍ଧୁ ପ୍ରଭାବିତ ହୋଇ ନୀଳକଣ୍ଠଙ୍କୁ ସଂସାରୀ ଜୀବନ ଯାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏ□ାନ୍ନ ପରୀକ୍ଷାର ଅବ୍ୟବହିତ ପୂର୍ବରୁ ୧୯୦୫ ମସିହା ଫେବୃଆରୀ ୫ ତାରିଖରେ ନୀଳକଣ୍ଠଙ୍କର ରାଧାରାଣୀଙ୍କ ସହିତ ବିବାହ ସମ୍ପନ୍ନ ହୋଇଥିଲା । ଏହି ବିବାହୋତ୍ସବ ବୈଦିକରୀତିରେ ସମ୍ପନ୍ନ ହୋଇଥିଲା । ନୀଳକଣ୍ଠ ଥିଲେ ସ୍ୱାଭିମାନୀ, ଆତ୍ମମର୍ଯ୍ୟାଦାସମ୍ପନ୍ନ । ନୀଳକଣ୍ଠଙ୍କର ବିବାହ ପ୍ରସଙ୍ଗରେ ଜଣେ ଲୋକ ତାଙ୍କ ନନାଙ୍କୁ ପ୍ରସ୍ତାବ ଦେଲେ, 'ସଙ୍ଗେ ସଙ୍ଗେ ଚାରି ହଜାର ଟଙ୍କା ନିଅ । ପୁଅପାଇଁ ନିର୍ବନ୍ଧ କର । ଅନେକ ଅଳଙ୍କାର ଓ ଜିନିଷ ପାଇବ । ତା'ପରେ ସେ ପୁଅକୁ ଯେ ପର୍ଯ୍ୟନ୍ତ ଚାହିଁବ ସେ ପର୍ଯ୍ୟନ୍ତ ପଢ଼ାଇବେ ।' ମାତ୍ର ନୀଳକଣ୍ଠ ତାହା ପ୍ରତ୍ୟାଖ୍ୟାନ କରିଥିଲେ । ଅସ୍ପୃଶ୍ୟତା ଓ ସମାଜର ଅନ୍ୟାନ୍ୟ ବ୍ୟାଧିବିରୋଧୀ ଲଢ଼େଇରେ ତାଙ୍କ ଭାଷଣ ଯୁବପିଢ଼ୀଙ୍କୁ ଆଜି ବି ପ୍ରେରଣା ଦିଏ । ୧୯୫୧ ମସିହାରେ ସ୍ୱାଧୀନ ଜନସଂଘରୁ ସେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଜବାହରଲାଲ ନେହରୁଙ୍କ ଅନୁରୋଧରେ ୧୯୫୫ ମସିହାରେ ସେ କଂଗ୍ରେସରେ ଯୋଗ ଦେଇଥିଲେ । କଂଗ୍ରେସ ତରଫରୁ ୧୯୫୭ରେ ସେ ପୁଣି ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଅନନ୍ୟ ପ୍ରତିଭାର ଅଧିକାରୀ ନୀଳକଣ୍ଠ ୧୯୬୭ ମସିହା ନଭେମ୍ବର ୬ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ ।

ଡଃ. ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ : ୯୯୩୭୧୭୨୮୧୦

ଜ୍ଞାନତପସ୍ୱୀ ପଣ୍ଡିତ ନୀଳକଂଠଙ୍କ ଭାଷା ସାହିତ୍ୟ

.....ଉମାଶଙ୍କର ପ୍ରସାଦ.....

ପୁରୀ ଜିଲ୍ଲାର ସାକ୍ଷୀଗୋପାଳସ୍ଥିତ ଶ୍ରୀରାମଚନ୍ଦ୍ରପୁରର ପଣ୍ଡିତ ନୀଳକଂଠ ଥିଲେ ଯଥାର୍ଥରେ ଜଣେ ପଣ୍ଡିତ । ପାଣ୍ଡିତ୍ୟ ଥିଲା ତାଙ୍କର ଭୂଷଣ । ତାଙ୍କର ଜ୍ଞାନପିପାସା ଥିଲା ଅସୀମ । ସେ ଥିଲେ ଏକାନ୍ତ ଅଧ୍ୟୟନଶୀଳ । ତାଙ୍କର କଥଣି ଥିଲା ଓଡିଆଭାଷା ଏବଂ ତାଙ୍କର ଲେଖନୀ ଥିଲା ଓଡିଆ ସାହିତ୍ୟ । ତୁଳସୀ ଦୁଇ ପତ୍ରରୁ ବାସିଲାପରି ପିଲାଦିନୁ ତାଙ୍କର ପାଣ୍ଡିତ୍ୟ ବିକାଶ ପାଇଥିଲା । ଭୋଇ ବଂଶର ପ୍ରଥମ ରାମଚନ୍ଦ୍ର ଦେବ ବସାଇଥିବା ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ଗହ୍ମାପୂର୍ଣ୍ଣମୀ ପୂର୍ବଦିନ ନୀଳକଂଠଙ୍କର ଜନ୍ମ ହୋଇଥିଲା ୧୮୮୪ ମସିହା ଅଗଷ୍ଟ ୫ ତାରିଖ ଦିନ । ପିଲାଦିନେ ସେ ଗ୍ରାମ ଚାଟଶାଳୀରେ ପଢିଥିଲେ । ସେତେବେଳର ପାଠ୍ୟକ୍ରମ ପଦ୍ଧତି ଅନୁଯାୟୀ ସେ ଅବଧାନଙ୍କଠୁ କଡାଗଣ୍ଡା, ପାହି ପଣକିଆ ପ୍ରଭୃତି ପଢିଥିଲେ । ବାଲ୍ୟାବସ୍ଥାରୁ ସେ ଅତ୍ୟନ୍ତ ମେଧାବି ଓ କର୍ମଠ ଥିଲେ । ସ୍କୁଲର ଶିକ୍ଷକ ମଧୁସୂଦନ ମିଶ୍ରଙ୍କର ସେ ଥିଲେ ଅତ୍ୟନ୍ତ ପ୍ରିୟ ଛାତ୍ର । ନୀଳକଂଠଙ୍କ ଅଗାଢ ପ୍ରେମ ତଥା ଗୁରୁଭକ୍ତି ବଦଳରେ ସେ ଗୁରୁ ମଧୁସୂଦନ ମିଶ୍ରଙ୍କଠୁ ବ୍ୟାକରଣର ସୂତ୍ରଗୁଡିକ ଭଲଭାବରେ ବୁଝି ସେ ଉଭୟ ଓଡିଆ ଓ ସଂସ୍କୃତରେ ଅସାଧାରଣ ପାଣ୍ଡିତ୍ୟ ଲାଭ କରିଥିଲେ । ଭର୍ଣ୍ଣାକୁଲାର ପରୀକ୍ଷାଠାରୁ ଆରମ୍ଭ କରି ରେଭେନ୍ସା କଲେଜରେ ବି.ଏ. ପରୀକ୍ଷା ପର୍ଯ୍ୟନ୍ତ ସେ ଓଡିଶାରେ ପ୍ରଥମ ହୋଇ ଆସିଥିଲେ । ଦର୍ଶନଶାସ୍ତ୍ର ଓ ରସାୟନ ବିଜ୍ଞାନ ବିଷୟକୁ ନେଇ ସେ ବି.ଏ. ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିଲେ । ପରେ ମାସିକ ବୃତି ପାଇ ନୀଳକଂଠ ଦର୍ଶନଶାସ୍ତ୍ରରେ କଲିକତା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତର ଉପାଧି ହାସଲ କରିଥିଲେ । ଅତି ଆଶ୍ଚର୍ଯ୍ୟର କଥା, ଯଦିଓ କୌଣସି ଭାଷା ସାହିତ୍ୟରେ ସେ ଡିଗ୍ରୀ ପାଇ ନ ଥିଲେ ମଧ୍ୟ ସାର୍ ଆଶୁତୋଷ ମୁଖାର୍ଜୀଙ୍କ ଅନୁରୋଧ ରକ୍ଷାକରି ସେ କଲିକତା ବିଶ୍ୱବିଦ୍ୟାଳୟରେ ତୁଳନାତ୍ମକ ଭାଷାତତ୍ତ୍ୱର ଅଧ୍ୟାପକଭାବେ ଯୋଗ ଦେଇଥିଲେ । କଲିକତା ବିଶ୍ୱବିଦ୍ୟାଳୟର ନିଯୁକ୍ତି ତାଙ୍କ ପାଇଁ ଭାଷା ଓ ଭାଷାର ଇତିହାସ ଉପରେ ଗବେଷଣା କରିବା ପାଇଁ ଯଥେଷ୍ଟ ସୁଯୋଗ ସୃଷ୍ଟି କରିଥିଲା । ଗୁରୁ ମଧୁସୂଦନଙ୍କ ବ୍ୟାକରଣ ଜ୍ଞାନବଳରେ ସେ ପାଣିନୀ ବ୍ୟାକରଣରେ ଅଗାଧ ପାଣ୍ଡିତ୍ୟ ଲାଭ କରିବା ସହ ପାଣିନୀ ବ୍ୟାକରଣ ବିଶ୍ୱ ସାହିତ୍ୟକୁ ଭାରତର ଏକ ଅମୂଲ୍ୟ ଅବଦାନ ବୋଲି ମତ ପ୍ରଦାନ କରିଥିଲେ । ଯଦିଓ ଜଣେ ପ୍ରଚଣ୍ଡ ସଂସ୍କୃତି ପ୍ରତିଭା ଥିବା ବ୍ୟକ୍ତି ହୋଇ ମଧ୍ୟ ଓଡିଆ ଭାଷା ଉପରେ ସଂସ୍କୃତର ଆଧିପତ୍ୟ ତାଙ୍କ ପାଇଁ ଅସହ୍ୟ ଥିଲା । ସେତେବେଳେ ଗଙ୍ଗବଂଶୀ ରାଜାମାନେ ଛାନ୍ଦ ସାହିତ୍ୟ ଅନୁକରଣରେ ଓଡିଶାରେ ସଙ୍ଗୀତର ପ୍ରସାର କରିବା ସଙ୍ଗେ ସଙ୍ଗେ ଓଡିଆ ଛାନ୍ଦ ସାହିତ୍ୟର ପ୍ରଭୁତ୍ୱ ବିସ୍ତାର କରିଥିଲେ । ମାତ୍ର ଦୁଃଖର ବିଷୟ ଛାନ୍ଦ ସାହିତ୍ୟପାଇଁ ଉଚ୍ଚକୋଟୀର ଭାଷାର ଆବଶ୍ୟକତା ଥିବାରୁ ବହୁ ସଂସ୍କୃତ ଓ ତତ୍‌ସମ ଶବ୍ଦ ଓଡିଆଭାଷାରେ ଅନୁପ୍ରବେଶ କରି ଭାଷାକୁ ଭାରାକ୍ରାନ୍ତ କରିଦେଇଥିଲା । ପୁନଶ୍ଚ ୧୪ଶ ଶତାବ୍ଦୀରେ ବିଶ୍ୱନାଥ କବିରାଜ ସଂସ୍କୃତରେ "ସାହିତ୍ୟ ଦର୍ପଣ" ରଚନା କରିଥିଲେ । କ୍ରମେ ଏହି ସଂସ୍କୃତ ଭାଷାର ପ୍ରଭାବ ଫଳରେ ଓଡିଆ ଭାଷା ସଙ୍କୁଚିତ ହେବାସହ ତାହାର ସ୍ୱାତନ୍ତ୍ୟ ହରାଇବାକୁ ବସିଲା । ଏହିଭଳି ସମୟରେ ସାରଳା ଦାସଙ୍କ ଲେଖନୀ ମାଧ୍ୟମରେ ଓଡିଆଭାଷା ତା'ର ପ୍ରକୃତ ସ୍ୱରୂପ ଫେରି ପାଇଲା । ନୀଳକଂଠ ଓଡିଆ ଭାଷାର ନବଯୁଗ ପ୍ରବର୍ତ୍ତକଭାବେ ଗଜପତି କପିଳେନ୍ଦ୍ର ଦେବ ଓ ଝଙ୍କଡରେ ସିଦ୍ଧେଶ୍ୱର ପରିଡା ଓରଫ ସାରଳା ଦାସଙ୍କୁ ପ୍ରତିଷ୍ଠା ଦେବାସହ ତାଙ୍କ ସୃଷ୍ଟିରେ ଓଡିଶାର ସବୁ ତୀର୍ଥ ଓ ସବୁ ଦେବତା ସ୍ଥାନ ପାଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ ।

ସାହିତ୍ୟ ସଂସ୍କୃତିର ଏକ ଅବିଚ୍ଛିନ୍ନ ଅଂଶ । ଗୋଟିଏ ଜାତିର ଭାଷା ଓ ସାହିତ୍ୟରେ ତା'ର ସଂସ୍କୃତି ପ୍ରତିବିମ୍ବିତ ହୋଇଥାଏ । ତେଣୁ କୌଣସି ରଚନାରେ ଓଡିଆ ଜାତି ଓ ଓଡିଆ ସଂସ୍କୃତିର ଅବମୂଲ୍ୟାୟନ ହେଲେ, ସ୍ରଷ୍ଟା ଯେତେ ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ନୀଳକଂଠ ତାଙ୍କର କଠୋର ସମାଲୋଚନା କରିବାକୁ ତିଳେମାତ୍ର ପଛଘୁଂଚା ଦେଉ ନ ଥିଲେ । ଉଦାହରଣସ୍ୱରୂପ ରାଧାନାଥଙ୍କର ରଚିତ 'ପାର୍ବତୀ" ଓ "ନନ୍ଦିକେଶ୍ୱରୀ" କାବ୍ୟ । "ପାର୍ବତୀ" କାବ୍ୟରେ ବାପା ଅନଙ୍ଗଭୀମ ଦେବ ଓ ଝିଅ କୌଶଲ୍ୟାଙ୍କ ଅବୈଧ

ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ: ନଭେମ୍ବର ୧୫ ରୁ ଧାନ ସଂଗ୍ରହ ଆରମ୍ଭ

କେନ୍ଦୁଝର, (ପିଏନ)-କେନ୍ଦୁଝର ଜିଲ୍ଲାରେ ୨୦୧୯-୨୦ ଖରିଫ୍ ବର୍ଷର ଏଫ୍.ଏ.କ୍ୟୁ. ମାନର ଧାନ ସଂଗ୍ରହ ନିମନ୍ତେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଚଳିତ ନଭେମ୍ବର ୫ ତାରିଖ ମଙ୍ଗଳବାର ପୂର୍ବାହ୍ଣରେ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ପାଟଣା ବିଧାୟକ ଜଗନ୍ନାଥ ନାୟକ,ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ କମଳିନୀ ପାତ୍ର, କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି କାନନ ବିହାରୀ ପହି, ଆନନ୍ଦପୁର ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ସାହୁ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ବେସାମରିକ ଯୋଗାଣ ଅଧିକାରୀ ଗଣେଶ୍ୱର ଚୌଧୁରୀଙ୍କ ସମେତ ଯୋଗାଣ ଓ ସମବାୟ ବିଭାଗର ଅଧିକାରୀ, ନିୟନ୍ତ୍ରିତ ବଜାର କମିଟିର ସଂପାଦକ, ଏଫ୍‌ସିଆଇ କର୍ମକର୍ତା, ମିଲର ଏବଂ ଚାଷୀ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ଜିଲ୍ଲାପାଳ ଶ୍ରୀ ଠାକରେ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ନୀତି ସଂପର୍କରେ ଆଲୋକପାତ କରି ଶୃଙ୍ଖଳିତ ଭାବେ ଧାନ ସଂଗ୍ରହ ପ୍ରକ୍ରିୟା ପରିଚାଳନା ନିମନ୍ତେ ଯୋଗାଣ, ସମବାୟ ଓ କୃଷି ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ଉତମ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ । କୌଣସି ଚାଷୀ ଯେପରି ଧାନ ସଂଗ୍ରହ ପ୍ରକ୍ରିୟାରେ କିମ୍ବା ପ୍ରାପ୍ୟ ପାଇବାରେ ହଇରାଣ ହରକତ କିମ୍ବା ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଧାନ ସଂଗ୍ରହ ପ୍ରକ୍ରିୟାରେ କିପରି ବହୁତ ସଂଖ୍ୟାରେ ଚାଷୀ ପଞ୍ଜିକରଣର ହୋଇପାରିବେ । ସେଥିପାଇଁ ସଚେତନତା ସୃଷ୍ଟି କରିବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଚାଷୀମାନଙ୍କର ପ୍ରାପ୍ୟ ସମବାୟ ବ୍ୟାଙ୍କ୍ ତଥା ଅନ୍ୟାନ୍ୟ ବ୍ୟାଙ୍କ୍ ତରଫରୁ ଅନ୍‌ଲାଇନ୍ ମାଧ୍ୟମରେ ଚାଷୀମାନଙ୍କର ବ୍ୟାଙ୍କ୍ ଆକାଉଂଟକୁ ସିଧାସଳଖ ପଠାଯିବ । ଚାଷୀମାନେ ଯେପରି ସେମାନଙ୍କର ପ୍ରାପ୍ୟ ଠିକ୍ ସମୟରେ ପାଇପାରିବେ ସେଥିପ୍ରତି ଯୋଗାଣ ଓ ସମବାୟ ବିଭାଗର ଅଧିକାରୀମାନେ ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ବୈଠକରେ ଧାନ ସଂଗ୍ରହର ବିଭିନ୍ନ ଦିଗ ଉପରେ ବିଶଦ ଭାବେ ଆଲୋଚନା କରାଯାଇଥିଲା । ବୈଠକରେ ନିଷ୍ପତି ଅନୁଯାୟୀ ଆଗାମୀ ନଭେମ୍ବର ୧୫ ତାରିଖରୁ ଧାନ ସଂଗ୍ରହ କେନ୍ଦ୍ରମାନଙ୍କରେ ଧାନ ସଂଗ୍ରହ ଆରମ୍ଭ ହେବ ଏବଂ ଧାନ ସଂଗ୍ରହ ଆଗାମୀ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ଚାଲିବ । ଚଳିତ ବର୍ଷ ପାକସ୍ (ସମବାୟ ସମିତି) ଜରିଆରେ ୮୬ଟି ଏବଂ ଲ୍ୟାମ୍ପସ୍ ଜରିଆରେ ୪୪ଟି କେନ୍ଦ୍ରରେ ଧାନ ସଂଗ୍ରହ କରାଯିବ ବୋଲି ନିଷ୍ପତି ନିଆଯାଇଛି । ସମସ୍ତ ଧାନ ସଂଗ୍ରହ କେନ୍ଦ୍ରମାନଙ୍କୁ ଆବଶ୍ୟକୀୟ ଧାନ ଓଜନ ଯନ୍ତ୍ର ସହ ଅନ୍ୟାନ୍ୟ ଯନ୍ତ୍ରପାତି ଯୋଗାଇ ଦେବାକୁ ନିୟନ୍ତ୍ରିତ ବଜାର କମିଟିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ନିୟନ୍ତ୍ରିତ ବଜାର କମିଟିର ସଂପାଦକମାନେ ଲିଫ୍‌ଲେଟ୍ ପୋଷ୍ଟର ଜରିଆରେ ଏବଂ ମାଇକ୍ ପ୍ରଚାର ଦ୍ୱାରା ସଚେତନତା କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର ଉପଜିଲ୍ଲାପାଳମାନେ ଧାନ ସଂଗ୍ରହ ପ୍ରକ୍ରିୟା ତଦାରଖ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତି ଧାନ ସଂଗ୍ରହ କେନ୍ଦ୍ରମାନଙ୍କରେ ଉପଦେଷ୍ଟା କମିଟି ଗଠନ ଓ ଧାନ ସଂଗ୍ରହ ପ୍ରକ୍ରିୟାକୁ କ୍ରିୟାଶୀଳ କରାଯିବାକୁ ନିଷ୍ପତି ନିଆଯାଇଛି । ମିଲର୍, ଯୋଗାଣ ଓ ସମବାୟ ବିଭାଗର କ୍ଷେତ୍ର କର୍ମଚାରୀମାନଙ୍କୁ ଧାନ ସଂଗ୍ରହ କେନ୍ଦ୍ରର କର୍ମକର୍ତାଙ୍କୁ ତାଲିମ ପ୍ରଦାନ ପ୍ରକ୍ରିୟା ତୁରନ୍ତ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ଚଳିତ ନଭେମ୍ବର ୧୫ ତାରିଖ ମଧ୍ୟରେ ଉପଖଣ୍ଡ, ବ୍ଲକ ଏବଂ ଧାନ ସଂଗ୍ରହ କେନ୍ଦ୍ର ସ୍ତରରେ ଚାଷୀମାନଂକୁ ଧାନ ସଂଗ୍ରହ ପ୍ରକ୍ରିୟା ସଂପର୍କରେ ବିଶଦ ଭାବେ ସଚେତନ କରାଇବା ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତିଦିନ ଧାନ ସଂଗ୍ରହ କେନ୍ଦ୍ର ମାନଙ୍କରେ ଧାନ ସଂଗ୍ରହର ତଥ୍ୟ ଅପ୍‌ଡେସନ୍ କରିବାକୁ ଏବଂ ସେହି ଦିନ ମିଲରମାନେ ସଂଗୃହିତ ଧାନକୁ ମିଲ୍‌କୁ ଆଣିବା ନିମନ୍ତେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଧାନ ସଂଗ୍ରହ ସଂପର୍କରେ କେନ୍ଦ୍ରୱାରୀ ବିଶଦ କାର୍ଯ୍ୟ ଖସଡା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ଶ୍ରୀ ଠାକରେ ଡି.ଆର.ସ.ଏସ.ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଚଳିତବର୍ଷ ସାଧାରଣ ମାନ ଧାନର ମୂଲ୍ୟ କ୍ୱିଟାଂଲ ପ୍ରତି ଟ ୧୮୧୫/- ଧାର୍ଯ୍ୟ କରାଯାଇଥିବାବେଳେ ଏଫ୍‌ଏକ୍ୟୁ ଗ୍ରେଡ୍ ଏ ଧାନର ମୂଲ୍ୟ କ୍ୱିଟାଂଲ ପ୍ରତି ଟ ୧୮୩୫/- ଟଙ୍କା ଧାର୍ଯ୍ୟ କରାଯାଇଛି ବୋଲି ବେସାମରିକ ଯୋଗାଣ ଅଧିକାରୀ ଗଣେଶ୍ୱର ଚୌଧୁରୀ ସୂଚନା ଦେଇଥିଲେ । ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ପାଟଣା ବିଧାୟକ ଜଗନ୍ନାଥ ନାୟକ ଏହି ବୈଠକରେ ଉଦ୍‌ବୋଧନ ଦେଇ ବିଗତ ବର୍ଷରେ ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀ ମାନେ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟା ସଂପର୍କରେ ଦୃଷ୍ଟି ଆକର୍ଷଣ କରି ଚଳିତ ବର୍ଷ ଚାଷୀମାନେ ଯେପରି ସୁରୁଖୁରୁରେ ଧାନ ବିକ୍ରୟ କରିପାରିବେ ଏବଂ ପ୍ରାପ୍ୟ ପାଇପାରିବେ ସେଥିପାଇଁ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ ।

ଜାତୀୟ ସ୍କିଲ୍ ଡେଭଲପ୍‌ମେଂଟ୍ କର୍ପୋରେସନ୍ ସହିତ ଜର୍ମାନୀର ବୁଝାମଣା

ଭୁବନେଶ୍ୱର : ଭାରତୀୟ ପ୍ରତିଭାମାନଙ୍କ ଦକ୍ଷତା ବିକାଶ ପାଇଁ ଜାତୀୟ ସ୍କିଲ୍ ଡେଭଲପ୍‌ମେଂଟ୍ କର୍ପୋରେସନ୍(ଏନ୍‌ଏସ୍‌ଡିସି) ପକ୍ଷରୁ ଜର୍ମାନୀ ସହିତ ଜଏଂଟ୍ ଡିକ୍ଲାରେଶନ୍ ଅଫ୍ ଇଂଟେଟ୍ ବୁଝାମଣା ହୋଇଚି । ଏହା ଅନ୍ତର୍ଗତ ଜର୍ମାନୀର ଫେଡେରାଲ ମିନିଷ୍ଟ୍ରି ସହିତ ଆର୍ଥିକ ବିକାଶ ଏବଂ ସହଯୋଗ ପାଇଁ ଚୁକ୍ତି ସ୍ୱାକ୍ଷର କରାଯାଇଛି । ଏନେଇ ଭାରତୀୟ ସିଏମେନ୍ ଲିମିଟେଡ୍ ସହିତ ଡୁଆଲ୍ ଭିଇଟି ପ୍ରୟାସ ଲାଗି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହାଦ୍ୱାରା ଭାରତୀୟ ଯୁବବର୍ଗଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଯିବ ।

ଭାରତୀୟ ଯୁବବର୍ଗଙ୍କୁ ଏହି ବୁଝାମଣା ମାଧ୍ୟମରେ ତାଲିମ୍ ପରେ ବିକଳ୍ପ ଶକ୍ତି ଉତ୍ସ, ଇ-ମୋବିଲିଟି ଏବଂ ଏନର୍ଜି ଏଫିସିଏନ୍ସି ଆଦି ସେକ୍ଟରରେ ନିଯୁକ୍ତି ମିଳି ପାରିବ । ଚୁକ୍ତି ସ୍ୱାକ୍ଷର ଅବସରରେ ପାର୍ଲାମେଂଟାରୀ ଷ୍ଟେଟ୍ ସେକ୍ରେଟାରୀ ନୋବର୍ଟ ବାର୍ଥହାଲେ, ଫେହେରାଲ ମିନିଷ୍ଟ୍ରି ଅଫ୍ ଏଜୁକେଶନ୍‌ର ସୁଶ୍ରୀ ଅନଜା କାରଲିକ୍‌ଲେକ୍, ପର୍ସନାଲ ସେକ୍ରେଟାରୀ ସୁଶ୍ରୀ କୋମିଲିଆ ଗ୍ରୋଇଚି, ଏସିଆ ବିଭାଗ ଉପମୁଖ୍ୟ ଫିଲିପ୍ ନିଲ୍, ଆର୍ଥିକ ସହଯୋଗ ଏବଂ ବିକାଶ ମୁଖ୍ୟ ସୁଶ୍ରୀ କ୍ରିଷ୍ଟିଆନେ ହିରୋନିମୋସ୍, ବରିଷ୍ଠ ନୀତି ଅଧିକାରୀ ସୁଶ୍ରୀ ତନଜା ବାୟୁର, ୟୁରୋପିଆନ୍ ଏବଂ ଅନ୍ତର୍ଜାତୀୟ ଶିକ୍ଷା ସହଯୋଗ ମହାନିର୍ଦ୍ଦେଶକ ସୁଶ୍ରୀ ସୁସାନେ ବର୍ଗର, ବେସିକ୍ ରିସର୍ଚ୍ଚ ଉପ ମହାନିର୍ଦ୍ଦେଶକ ଡ. ଭୋଲକ୍‌ମାର୍ ଡାଏଟଜ୍ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରୀ ମହେନ୍ଦ୍ରନାଥ ପାଣ୍ଡେ କହିଲେ, " ଜର୍ମାନୀ ନିର୍ମାଣ ତଥା ନବୀକରଣ କ୍ଷେତ୍ରରେ ପୃଥିବୀରେ ଆଗୁଆ ରହିଛି । ଏଠକାର କାର୍ଯ୍ୟଶୈଳୀ ବେଶ୍ ଉଚ୍ଚକୋଟୀର । ଅଗାମୀ ଦିନରେ ଦେଶର ବିକାଶ ଲକ୍ଷ୍ୟ ନେଇ ଆମେ ଯୋଜନାବଦ୍ଧ ଭାବେ କାର୍ଯ୍ୟ ଜାରି ରଖିଛୁ । ଏହି ଚୁକ୍ତି ଧାର୍ଯ୍ୟ ଆର୍ଥିକ ବିକାଶ ହାସଲ କ୍ଷେତ୍ରରେ ସହାୟତା ଯୋଗାଇବ । ଏହା ଦ୍ୱାରା ଦେଶର ଯୁବବର୍ଗଙ୍କ ଆର୍ଥିକ ବିକାଶ ସମ୍ଭବ ହୋଇ ପାରିବ । ସାମ୍ପ୍ରତିକ ଦକ୍ଷତା ବିକାଶରେ କ୍ଷେତ୍ରରେ ଭାରତୀୟ ଦକ୍ଷତା ବିକାଶ ମନ୍ତ୍ରଣାଳୟ ବିଶ୍ୱସ୍ତରୀୟ ଲକ୍ଷ୍ୟ ନେଇ କାର୍ଯ୍ୟ ଜାରି ରଖିଛି । ଯାହାଦ୍ୱାରା ଶିକ୍ଷାର୍ଥୀଙ୍କୁ ଆବଶ୍ୟକ ପରାମର୍ଶ, ବ୍ୟବସାୟିକ ତଦାରଖ ଆଦି ସୁବିଧା ମିଳିପାରିବ । ତାଲିମ୍ ପ୍ରଦାନ କରାଯାଇ ଯୁବବର୍ଗଙ୍କ ମଧ୍ୟରେ ନିଯୁକ୍ତି ସୁଯୋଗ ବିଭିନ୍ନ ସେକ୍ଟରରେ ଉପଲବ୍ଧ କରାଯାଇ ପାରିବ । ଏହି ବୁଝାମଣା ଦ୍ୱାରା ଭାରତୀୟ ଯୁବବର୍ଗଙ୍କ ଗୁଣବତାଯୁକ୍ତ ତାଲିମ୍ ପ୍ରଦାନ କରାଯାଇ ଔଦୋଗିକ ବିକାଶ କ୍ଷେତ୍ରରେ ଅନ୍ତର୍ଭୁକ୍ତ କରାଇବାର ପ୍ରୟାସ କରାଯିବ । ଏନ୍‌ଏସ୍‌ଡିସି ସହିତ ମିଳିତ ହୋଇ ଆମେ ସ୍କିଲ୍ ଇଣ୍ଡିଆ ମିଶନକୁ ସଫଳ କରାଇବାର ଉଦ୍ୟମ କରାଯିବ ।

ଏହି ପାର୍ବଣ ଋତୁରେ ସାମସଙ୍ଗର ବୃହତ ସ୍କ୍ରିନ ଟିଭିଗୁଡ଼ିକରେ ଦମଦାର ବିକ୍ରୟ

ଭୁବନେଶ୍ୱର: ଦେଶର ସବୁଠାରୁ ବୃହତ ଏବଂ ବିଶ୍ୱସ୍ତ ଉପଭୋକ୍ତା ଇଲେକ୍ଟ୍ରୋନିକ ଏବଂ ସ୍ମାର୍ଟଫୋନ ବ୍ରାଣ୍ଡ ସାମସଙ୍ଗ, ଏହି ପାର୍ବଣ ଋତୁରେ ଏହାର ପ୍ରିମିୟମ ଟେଲିଭିଜନ ଗୁଡ଼ିକରେ ଦମଦାର ବିକ୍ରୟ ଦେଖିଛି । କାରଣ ଏହାର ଉପଭୋକ୍ତାମାନେ ବୃହତ ସ୍କ୍ରିନ ଟିଭିକୁ କିଣିଛନ୍ତି ଏବଂ ନୂତନ କ୍ୟୁଏଲଇଡି ପ୍ରଯୁକ୍ତି ତଥା ଉନ୍ନତମାନର ଡିଜାଇନ ସହ ସେମାନଙ୍କ ଜୀବନଶୈଳୀକୁ ଉର୍ଣ୍ଣୀତ କରିଛନ୍ତି । ବିଗତ ୧୩ ବର୍ଷ ଧରି ସାମସଙ୍ଗ, ଟିଭି ବିଭାଗରେ ବିଶ୍ୱସ୍ତରରେ ଏବଂ ଦେଶରେ ଗୋଟିଏ ଅପ୍ରତିଦ୍ୱନ୍ଦୀ ଭାବେ ରହି ଆସିଛି । ଏହି ଦୀପାବଳୀରେ ସାମସଙ୍ଗର କ୍ୟୁଏଲଇଡି ଟିଭିଗୁଡ଼ିକର ବିକ୍ରୟରେ ୨୦୧୮ର ପାର୍ବଣ ଋତୁ ତୁଳନାରେ ତିନିଗୁଣ ଅଭିବୃଦ୍ଧି ଦେଖାଯାଇଥିବାବେଳେ ଏହାର ଅଲଟ୍ରା ହାଇଡେଫିନେସନ ଟିଭି(ୟୁଏଚଡି) ଗୁଡ଼ିକର ବିକ୍ରୟରେ ଦୁଇଗୁଣ ଅବିବୃଦ୍ଧି ଦେଖାଦେଇଥିଲା । ପାର୍ବଣ ସମୟରେ ସାମସଙ୍ଗର ସମୁଦାୟ ସ୍ମାର୍ଟଟିଭି ବିକ୍ରୟ ମଧ୍ୟ ଗତ ବର୍ଷ ତୁଳନାରେ ଦୁଇଗୁଣ ରହିଥିଲା ଏବଂ ଏହାର ଫ୍ରେମ କ୍ୟୁଏଲଇଡି ଟିଭି, ଲାଇଫଷ୍ଟାଇଲ ଟିଭିଗୁଡ଼ିକ ବହୁ ସଂଖ୍ୟାରେ ବିକ୍ରି ହୋଇଥିଲା ।

ଏହା ବ୍ୟତୀତ ବିଜୟାୱାଡା, ବିଶାଖାପାଟନାମ, ହ୍ୟୁବିଲ, ଆଗ୍ରା, ଜବାଲପୁର, ନାଗପୁର, ରାଇପୁର, ଏବଂ ଆହୁରି ଅନେକ ସହର ଗୁଡ଼ିକରେ ମଧ୍ୟ ଉପଭୋକ୍ତାମାନେ ବୃହତ ସ୍କ୍ରିନର ଟିଭି କିଣୁଛନ୍ତି, ଯାହାକି ଏହି ସହରଗୁଡ଼ିକରେ ସାମସଙ୍ଗର କ୍ୟୁଏଲଇଡି ଟିଭିଗୁଡ଼ିକ ପାଇଁ ବହୁଥିବା ଚାହିଦାରୁ ପ୍ରମାଣିତ । ଏହାବାଦ ସାମସଙ୍ଗ କ୍ୟୁଏଲଇଡି ଟିଭିର ବଛା ବଛା ମଡେଲ ଗୁଡ଼ିକର କ୍ରୟ ଦ୍ୱାରା ଉପଭୋକ୍ତାମାନେ ଟ.୬୧,୯୦୦/- ମୂଲ୍ୟର ଗ୍ୟାଲେକ୍ସି ଏସ୧୦ଏସ ଏବଂ ଟ.୨୧,୪୯୦/- ମୂଲ୍ୟର ଗ୍ୟାଲେକ୍ସି ଏଏ୫୦ଏସ ସୁନିଶ୍ଚିତ ଉପହାର ଭଳି ଅନ୍ୟାନ୍ୟ ଆକର୍ଷରୀୟ ଅଫର ପାଇପାରିବେ । ଏହି ପାର୍ବଣ ଋତୁରେ ସାମସଙ୍ଗ ଏହାର ଉପଭୋକ୍ତାମାନଙ୍କୁ ବିଭିନ୍ନ ସାମସଙ୍ଗର ଉପକରଣ ଯେମିତିକି କ୍ୟୁଏଲଇଡି ଟିଭି, ୪କେ ୟୁଏଚଡି ଟିଭି ଗୁଡ଼ିକର କ୍ରୟରେ ୨୫% ପର୍ଯ୍ୟନ୍ତ ରିହାତି ବ୍ୟତୀତ ଆହୁରି ଅନେକ ଆକର୍ଷଣୀୟ ରିହାତି ପ୍ରଦାନ କରୁଛି । ଏହି ଅଫର ସମ୍ଭାର ସହ ଉପଭୋକ୍ତାମାନେ ଜିରୋ ଡାଉନ ପେମେଣ୍ଟ, ସହଜ ଇଏମଆଇ ଭଳି ସହଜ ଫାଇନାନ୍ସ ଅଫର ମଧ୍ୟ ପାଇପାରିବେ ।

"ମୂଲ୍ୟଯୁକ୍ତ ଗ୍ରାହକକୈନ୍ଦ୍ରିକ ଅଭିନବତା ଯୋଗାଇବା ନିମନ୍ତେ ସାମସଙ୍ଗରେ ଆମେ ସର୍ବଦା ପ୍ରତିବନ୍ଧକ ଗୁଡ଼ିକୁ ଏଡ଼ାଇଥାଉ । ଆମର ପ୍ରିମିୟମ ବର୍ଗର ଟିଭି ଗୁଡ଼ିକରେ ସ୍ୱତନ୍ତ୍ର ମାନର ଉପଭୋକ୍ତା ପ୍ରମୋସନ ଏବଂ ସରଳ ଫାଇନାନ୍ସ ଯୋଜନା ସମେତ ପ୍ରିମିୟମ ପ୍ରଯୁକ୍ତିଗତ ଉପକରଣ ଯୋଗାଇଦେଇ ସାମସଙ୍ଗ ଭାରତରେ ଉତ୍କୃଷ୍ଟତାର ପରମ୍ପରାକୁ ବଜାୟ ରଖିଛି ଏବଂ ଏହି ପାର୍ବଣରେ ଏହାର ପ୍ରିମିୟମ ଟିଭିଗୁଡ଼ିକରେ ଏକ ଦୃଢ଼ ଚାହିଦାର ପରିଦୃଷ୍ଟ କରିଛି ।," ବୋଲି ସାମସଙ୍ଗ ଇଣ୍ଡିଆ, ଉପଭୋକ୍ତା ଇଲେକ୍ଟ୍ରୋନିକ ବିଜନେସ, ବରିଷ୍ଠ ଉପାଧକ୍ଷ ଶ୍ରୀ ରାଜୁ ପୁଲାନ କହିଛନ୍ତି ।

ଆଳୁ, ପିଆଜ ଓ ପରିବା ଦର ହୁ ହୁ ହୋଇ ବଢିଚାଲିଛି ତା'ସାଙ୍ଗକୁ ଡାଲି ଦର ବଢ଼ିଲା ପରେ ଖାଉଟି ହନ୍ତସନ୍ତ, ବଜାର ଦର ନିୟନ୍ତ୍ରଣ ପାଇଁ ମୁଖ୍ୟ ସଚିବଙ୍କୁ ପତ୍ର

ଭୁବନେଶ୍ୱର (ପିଏନ) : ବଜାରରେ କାର୍ତ୍ତିକ ମାସ ଯୋଗୁଁ ପନିପରିବା ଦର ସବୁ ୬୦ ଟଙ୍କା ଉପରେ । କିନ୍ତୁ ବିଗତ ୨/୩ ଦିନ ଧରି ଆଳୁ, ପିଆଜ ଦାମ୍ ହୁ ହୁ ହୋଇ ବଢିଚାଲିଛି । ପିଆଜ କିଲୋ ପିଛା ୬୦ ରୁ ୬୫ ଟଙ୍କା ଓ ଆଳୁ ଯାହା ୧୫ ଟଙ୍କାରେ ବିକ୍ରି ହେଉଥିଲା ତାହା ୨୦ରୁ ୨୫ ଟଙ୍କାରେ ବିକ୍ରି ହେବାରେ ଲାଗିଛି । ହଠାତ୍ ଦୁଇଦିନ ହେଲା ଡାଲି ଦର ୯୦ ଟଙ୍କାରୁ ୧୦୦ ଟଙ୍କା ଛୁଇଁଲାଣି । କେତେକ ସ୍ଥଳରେ ଭଲ ଡାଲି କିଲୋପିଛା ୧୨୦ ଟଙ୍କାରେ ପହଞ୍ଚିଛି । ବଙ୍ଗୋପସାଗରେ ସୃଷ୍ଟି ହୋଇଥିବା ବାତ୍ୟା ଯୋଗୁଁ ଖାଉଟିଙ୍କ ଭିତରେ ଛନକା ପସିଲାଣି । ତେଣୁ ଆଜିଠାରୁ ଖାଉଟିମାନେ ଅଧିକ ସଂଖ୍ୟାରେ ଡାଲି, ତେଲ, ଆଳୁ, ପିଆଜ ଓ ପନିପରିବା ମହଜୁଦ୍ କରି ରଖିବାର ଆଶଙ୍କା ଦେଖାଦେଇଛି । ଏହାର ପାଇଦା ଉଠାଇ ମହଜୁଦ୍‌କାରୀ ଓ କଳା ବଜାରୀ ବେପାରୀମାନେ ଖାଉଟିଙ୍କୁ ଅଧିକ ଶୋଷଣ କରିବା ପାଇଁ ସୁଯୋଗ ସୃଷ୍ଟି ହୋଇଛି । ସରକାର ଯଦି ବଜାର ଦରରେ ଅଙ୍କୁଶ ନ ଲଗାନ୍ତି, ଆଳୁ, ପିଆଜ, ଡାଲି, ତେଲ, ଚାଉଳ ଓ ଅଟା ଭଳି ଅତ୍ୟାବଶ୍ୟକୀୟ ଖାଉଟି ସାମଗ୍ରୀର ଦରକୁ ନିୟନ୍ତ୍ରଣ ନ କରନ୍ତି ତା'ହେଲେ ଖାଉଟିମାନେ ଅଧିକ ଶୋଷଣର ସମ୍ମୁଖୀନ ନ ହେବେ । ତେଣୁ ଏହାକୁ ଆଖି ଆଗରେ ରଖି ତୁରନ୍ତ ମୁଖ୍ୟ ଶାସନ ସଚିବ, ଖାଦ୍ୟ ଯୋଗାଣ ବିଭାଗ ଏବଂ ବ୍ୟବସାୟୀ ମହାସଂଘର ଏକ ବୈଠକ ଡାକି ଖାଉଟିଙ୍କ ସ୍ୱାର୍ଥ ପାଇଁ ବଜାର ଦରକୁ ନିୟନ୍ତ୍ରଣକୁ ଆଣିବା ପାଇଁ ସମାଜବାଦି ପାର୍ଟି ଓଡ଼ିଶା ରାଜ୍ୟ କମିଟି ଦାବି କରିଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ଏ ସଂକ୍ରାନ୍ତରେ ଏକ ପତ୍ର ଲେଖି ମୁଖ୍ୟ ଶାସନ ସଚିବଙ୍କ ପାଖରେ ଏହି ଦାବି କରିବା ସହିତ ଯୁଦ୍ଧକାଳୀନ ଭିତ୍ତିରେ ବଜାର ଦରକୁ ନିୟନ୍ତ୍ରଣକୁ ଆଣିବ ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖିଛନ୍ତି । ତା ନହେଲେ ସାଧାରଣ ଖାଉଟିମାନେ ଆହୁରି ଅଧିକ ଶୋଷଣର ସମ୍ମୁଖୀନ ହେବେ । ଯଦି ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଓଡ଼ିଶା ଉପକୂଳ ଛୁଏଁ ତା'ହେଲେ ବଜାର ଦର ନିୟନ୍ତ୍ରଣ କରିବା ସରକାରଙ୍କ ପାଇଁ ଅସମ୍ଭବ ହୋଇପଡ଼ିବ । ତେଣୁ ବେଳ ଥାଉଥାଉ ରାଜ୍ୟ ସରକାର ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନେବାକୁ ଶ୍ରୀ ବେହେରା ତାଙ୍କର ଏହି ପତ୍ରରେ ଦାବି କରିଛନ୍ତି ।

ପ୍ରିମିୟମ ମୋଟରସାଇକଲ୍ ବ୍ୟବସାୟ ପାଇଁ ହୋଣ୍ଡାର ବୃହତ ଯୋଜନା ଘୋଷଣା

ଭୁବନେଶ୍ୱର: ପ୍ରିମିୟମ୍ ମୋଟରସାକଇଲ୍ ବ୍ୟବସାୟ ଲାଗି ସ୍ଥାପନ କରିବାର ମାତ୍ର ୬ ମାସ ଭିତରେ ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଭବିଷ୍ୟତ ଅଭିବୃଦ୍ଧି ଯୋଜନା ବିଷୟରେ ଘୋଷଣା କରାଯାଇଛି । ହୋଣ୍ଡା ଏହାର ପ୍ରିମିୟମ୍ ବାଇକ୍ ସଂଖ୍ୟାକୁ ବର୍ତମାନର ୭ରୁ ବଢ଼ାଇ ଆସନ୍ତା ଆର୍ଥିକ ବର୍ଷ ସୁଦ୍ଧା ୧୩ରେ ପହଂଚାଇବାକୁ ଯୋଜନା ରଖିଛି । ଭାରତ ପାଇଁ କଂପାନି ୫ଟି ନୂଆ ଆକର୍ଷଣୀୟ ମଡେଲ୍ ଆଣିବ । ପୂର୍ବରୁ କଂପାନି ପାଖରେ ଯେଉଁ ୭ଟି ପ୍ରିମିୟମ୍ ବାଇକ୍‌ର ମଡେଲ୍ ରହିଛି ତାହା ୩୦୦ ସିସିରୁ ୧୮୦୦ ସିସି ମଧ୍ୟରେ ରହିଛି । ଏବେ କଂପାନି ମେକ୍ ଇନ୍ ଇଣ୍ଡିଆ ଫର ଦିନ ୱାର୍ଲଡ୍ ଉପରେ ଧ୍ୟାନ ଦେଉଛି । କଂପାନି ଏହାର କିଛି ବଡ଼ ବାଇକ୍‌କୁ ଭାରତରେ ନିର୍ମାଣ କରିବାକୁ ଯାଉଛି । ହୋଣ୍ଡା ଏହାର ପ୍ରିମିୟମ୍ ବାଇକ୍ କାରବାରକୁ ଯାହା ବର୍ତମାନ ୨୩ଟି ସହରରେ ରହିଛି ତାହାକୁ ୭୫ଟି ସହରକୁ ସଂପ୍ରସାରିତ କରିବାକୁ

ମୋ ଓଡ଼ିଶା

ମହାକାର୍ତ୍ତିକ : ଅଁଏଳା ମାହାତ୍ମ୍ୟ

ଧର୍ମମାସ କାର୍ତ୍ତିକ। ଏହି ମାସରେ ଧନ୍ୱନ୍ତରୀ ପୂଜା, ନରକ ଚତୁର୍ଦ୍ଦଶୀ କାଳୀପୂଜା, ଦୀପାବଳୀ ଗୋବର୍ଦ୍ଧନ ପୂଜା, ଶୁକ୍ଳ ପକ୍ଷରେ ନାଗୁଣୀ ଚଉଠି, ଗୋଷ୍ଠାଷ୍ଟମୀ ଅଁଳା ନବମୀ, ରାଧା ଦାମୋଦର ପୂଜା, କାର୍ତ୍ତିକ ବ୍ରତ, ତୁଳସୀ ପୂଜା, ବଡ଼ ଏକାଦଶୀ ପାଳନ, ପଞ୍ଚୁକ, ଦୀପଦାନ, ପିତୃ ପୁରୁଷଙ୍କୁ ପିଣ୍ଡଦାନ, ଏବଂ ପରିଶେଷରେ କାର୍ତ୍ତିକ ପୂର୍ଣ୍ଣିମା ବା ରାସପୂର୍ଣ୍ଣିମା ଇତ୍ୟାଦି ଅନେକ ପର୍ବ ପଡ଼େ। ପ୍ରତିଟି ପର୍ବ, ଓଷା ଏବଂ ବ୍ରତର ପଛରେ ନିର୍ଦ୍ଦିଷ୍ଟ କାହାଣୀଟିଏ ଅଛି। ଅଁଳା ନବମୀ ଏ ଦୃଷ୍ଟିରୁ ସ୍ୱତନ୍ତ୍ର। ଏହି ଦିବସଟି କାର୍ତ୍ତିକ ଶୁକ୍ଳପକ୍ଷ ନବମୀ ଦିନ ପଡ଼େ। ଏହିଦିନ ଅନେକ ଲୋକ ବିଶେଷକରି କାର୍ତ୍ତିକ ବ୍ରତଚାରୀ ସାକ୍ଷୀଗୋପାଳଙ୍କୁ ରାଧାପାଦ ଦର୍ଶନ ନିମନ୍ତେ ଯାଆନ୍ତି। ହବିଷ୍ୟାଳୀମାନେ ଏହିଦିନ ଅଁଳାଗଛ ମୂଳେ ବସି ଭୋଜନ କରନ୍ତି। ଅଁଳା ଏକ ବୃକ୍ଷ ବୋଲି ଆମେ ଜାଣୁ; କିନ୍ତୁ ଅଁଳା କିଏ ? କାର୍ତ୍ତିକ ମାସରେ ସେ ପୂଜା ପାଆନ୍ତି କାହିଁକି (?), ସେକଥା ଜାଣିବା କଥା। ଅଁଳା, ତୁଳସୀ ଏବଂ ମାଳତୀ ବୃନ୍ଦାବତୀଙ୍କର ତିଗୁଣ ରୂପରୁ ଗୋଟିଏ ଗୋଟିଏ। ବୃନ୍ଦାବତୀ ଥିଲେ ରାକ୍ଷସ ଜରାସନ୍ଧର ପତ୍ନୀ। ସେ ଜଣେ ସତୀ ଓ ସାଧ୍ୱୀ। ତାଙ୍କର ସତୀତ୍ୱ ପ୍ରଭାବରୁ ଜରାସନ୍ଧ ବଳବାନ ଏବଂ ଅଜେୟ ଥିଲା। କଥା ଥିଲା ଯେଯାଏଁ ବୃନ୍ଦାବତୀଙ୍କର ସତୀତ୍ୱ ଅପହରଣ ନହୋଇଛି ଜରାସନ୍ଧ ମରିବ ନାହିଁ ଏବଂ ଦେବ, ଦାନବ ଓ ମାନବଙ୍କୁ ହନ୍ତସନ୍ତ କରୁଥିବ। ତାହାହିଁ ସେ କରୁଥିଲା। ନାରାୟଣ ମାୟାରେ ଜଳନ୍ଧର ରୂପ ଧରି ବୃନ୍ଦାବତୀଙ୍କୁ ଧର୍ଷଣ କଲେ। ଫଳରେ ଜରାସନ୍ଧ ମଲା। ଛଦ୍ମବେଶୀ ନାରାୟଣଙ୍କୁ ଯେତେବେଳେ ବୃନ୍ଦା ଜାଣିପାରିଲେ, ସେ ତାଙ୍କୁ ଅଭିଶାପ ଦେଲେ ଯେ ତାଙ୍କ ସ୍ତ୍ରୀକୁ ସେମିତି ଆର ଜନ୍ମରେ ରାକ୍ଷସ ହରଣ କରୁ। ତାହାହିଁ ବୋଧେ ଘଟିଲା ରାମଙ୍କ ପ୍ରତି।

ଏହାପରେ ସେ ଅଗ୍ନିରେ ଝାସ ଦେଲେ। ସେ ଆତ୍ମା ଆକାଶ ଉଠିଲା। ସେ ଆତ୍ମାକୁ ଧରି ତିନିବୀଜ ଭୂପତିତ ହେଲେ। ସେଥିରୁ ଯଥାକ୍ରମେ ତିନିଗୁଣ ଧରି ଅଁଳା, ତୁଳସୀ ଓ ମାଳତୀ ସୃଷ୍ଟି ହେଲେ :

ରାଜଗୁଣରେ ସରସ୍ୱତୀ, ତା'ଅଂଶେ ଧାତ୍ରୀ ଉତ୍ପତ୍ତି
ତୁଳସୀ ସତ୍ୱଗୁଣେ ଜାତ। ଗଉରୀ ଅଂଶରେ ବିଜିତ,
ଉମା ଅଂଶରେ ତମୋ ଗୁଣେ। ମାଳତୀ ଉପୁଜିଲା ବନେ॥

ଏସବୁ ବିଷ୍ଣୁଙ୍କ ମାୟାରୁ ହିଁ ଘଟିଥିଲା। ମାଳତୀ ଫୁଲ ତା'ର ତମ ଗୁଣ ହେତୁ ଲକ୍ଷ୍ମୀଙ୍କ ପ୍ରିୟ ହୋଇନପାରି ବନରେ ଦୂରେଇ ରହିଲା। ଦ୍ୱାପର ଯୁଗରେ ବନଫୁଲ ହୋଇ ସେ ଶ୍ରୀକୃଷ୍ଣଙ୍କୁ ଶୋଭିବ ବୋଲି କଥା ହେଲା। କେବଳ ଅଁଳା ଏବଂ ତୁଳସୀଙ୍କୁ ଧରି ବିଷ୍ଣୁ ସ୍ୱର୍ଗ ଗଲେ। ବିଷ୍ଣୁଙ୍କ ଚାହିବାରେ ମାଳତୀ ମର୍ତ୍ତ୍ୟ ଭୋଗ କଲେ; ଅଁଳା ମର୍ତ୍ତ୍ୟ ଓ ସ୍ୱର୍ଗ; କିନ୍ତୁ ତୁଳସୀ ତ୍ରିପୁରରେ ପୂଜା ପାଇଲେ।

ଧାତ୍ରୀ ତୁଳସୀ ବୃକ୍ଷ ବେନି। ତାହାଙ୍କୁ ସଙ୍ଗତରେ ଘେନି॥
ବୈକୁଣ୍ଠ ବୀଜେ ଲକ୍ଷ୍ମୀପତି। ଅରଣ୍ୟେ ରହିତେ ମାଳତୀ॥

ଏହାପରେ ସେମାନଙ୍କୁ ନିଜସ୍ୱ ସ୍ୱତନ୍ତ୍ର ଗୁଣାବଳୀ ଦ୍ୱାରା ମଣ୍ଡିତ କଲେ :

ଧାତ୍ରୀ ଛାୟାରେ ଯେଉଁଜନ, କରିବ ଗୋବିନ୍ଦ କୀର୍ତ୍ତନ॥ ଦଣ୍ଡକେ ଦଶଯୁଗ ଲେଖ. ମୁଁ ପୁରେ ବସି ହେବ ସୁଖୀ॥ କାର୍ତ୍ତିକ ଧାତ୍ରୀ ବୃକ୍ଷ ତଳେ, ହବିଷ ଅନ୍ନ ଏକ ବେଳେ॥ ଯେ ଜନ କରିବ ଭୋଜନ, ତା'ପାପ ହୋଇବ ଦହନ॥ ଅଶୌଚ ଦ୍ରବ୍ୟ ଥିଲେ ଭକ୍ଷି, ସେ ଦୋଷ ନରହିବ କିଛି॥ ନିର୍ମଳ ହୋଇବ ଶରୀର, ତେଣୁ ଅଏଁଳା ନାମତା'ର॥ ଅଏଁଳା, ତୁଳସୀ, ମାଳତୀ, ଏତିନି ମୋହ ପ୍ରିୟ ଅତି॥ ବିଶେଷ ତୁଳସୀ ପ୍ରଧାନ, ସଂସାରେ ମୋହରି ସମାନ॥ -କାର୍ତ୍ତିକ ମାହାତ୍ମ୍ୟ : ପଦ୍ମପୁରାଣ।

ଉପରୋକ୍ତ କାରଣରୁ ତୁଳସୀଙ୍କୁ ମାହାତ୍ମ୍ୟ ତଳକୁ ଅଏଁଳାଙ୍କର ଅଛି। ଏଣୁ କାର୍ତ୍ତିକ ପରି ଧର୍ମମାସରେ ସେ ମଧ୍ୟ ପୂଜ୍ୟା। ଅଁଳା ଗଛ ମୂଳକୁ ଧର୍ମମାସରେ ଗୋବରରେ ଲିପି ଯଥାବିଧି ପୂଜା କରାଯାଏ। ବିଷ୍ଣୁ ନାମ ସ୍ମରଣ ପୂର୍ବକ ତା' ଚାରିପଟେ ବୁଲାଯାଏ। ଅଥବା ନାମ ସଂକୀର୍ତ୍ତନ କରାଯାଏ। ତେବେ ରାଧାଙ୍କ ସହିତ ଅଁଳାଙ୍କର ସଂପର୍କିତ ହେତୁ ଅଁଏଳା ନବମୀ ତିଥି ଗୁରୁତ୍ୱପୂର୍ଣ୍ଣ। ଏଣୁ ସେଦିନକୁ ଅଁଳା ନବମୀ କୁହାଯାଏ। ଧାର୍ମିକ ଦୃଷ୍ଟିକୋଣରୁ ଅଁଳା କଥା ଜାଣିଲ। ଧର୍ମ ବିଜ୍ଞାନ ସମ୍ମତ ହେବା ଉଚିତ୍। ପ୍ରକୃତରେ ଏହା ଧର୍ମ ନାଁରେ ପ୍ରକୃତି ପୂଜା। ପୂଜା ହେଉଛି, ଏକ ଉପକାରର ସ୍ମୃତି ଗାନ ଏବଂ ତା' ମହତ୍ତ୍ୱର ପ୍ରତିପାଦନ। ଅଁଳା ପୂଜା ବୃକ୍ଷ ପୂଜା, । ଅଁଳାର ଔଷଧୀୟ ଗୁଣ କିଏ ନ ଜାଣେ ? ଆୟୁର୍ବେଦୀୟ ମତରେ ଅଁଳା ହେଉଛି ପୃଥିବୀର ସର୍ବୋତ୍ତମ, ସର୍ବଶ୍ରେଷ୍ଠ ମହୌଷଧି। ଏହା ବାର୍ଦ୍ଧକ୍ୟକୁ ଦୂରକରେ, ପେଟ ସଫାକରେ ଏବଂ ବାତ, କଫ ଓ ପିତର ଅମୋଘ ଔଷଧ। ଶୁଣାଯାଏ ମହର୍ଷିଚ୍ୟବନ ଅଁଳା ପ୍ରସ୍ତୁତ ଚ୍ୟବନପ୍ରାସ ଖାଇ ବାର୍ଦ୍ଧକ୍ୟରୁ ଯୌବନପ୍ରାପ୍ତ ହୋଇଥିଲେ। ଏଣୁ ଅଁଳା ପୂଜା ବିଜ୍ଞାନ ଓ ଧାର୍ମିକ ଦୃଷ୍ଟିରୁ ଯଥାର୍ଥ। ଏଣୁ ଏହାକୁ ଯିଏ ଯୋଉ ଦୃଷ୍ଟିରୁ ପୂଜା କରୁଛି କରୁ।

ବିପିନବିହାରୀ ମହାନ୍ତି, ବିକାଶ ନଗର, ଜଟଣୀ, ଖୋର୍ଦ୍ଧା, ମୋ: ୯୯୩୮୩୪୪୧୩୮

କର୍ମବୀର କାଳିଚରଣ

ପ୍ରତିଭା ହେଉଛି ବ୍ୟକ୍ତିତ୍ୱର ସେହି ବିଶେଷତ୍ୱ, ଯେଉଁଠାରେ ଚିନ୍ତନକୁ କାର୍ଯ୍ୟରେ ରୂପାନ୍ତରିତ କରିବାର ବିଚାର, ବୁଦ୍ଧି, ସାହସ ତଥା ଦକ୍ଷତା ଥାଏ। ଆତ୍ମବିଶ୍ୱାସ ପ୍ରତିଭାସମ୍ପନ୍ନ ମନିଷୀମାନଙ୍କର ମୂଳମନ୍ତ୍ର। ଅସୀମ ଧୈର୍ଯ୍ୟର ଅଧିକାରୀ ହୋଇଥିବା ଯୋଗୁଁ ସେମାନେ କୌଣସି କାର୍ଯ୍ୟରେ ହତୋତ୍ସାହିତ ହୋଇପଡ଼ନ୍ତିନାହିଁ। ହରଦମ୍ ଆହ୍ୱାନର ସମ୍ମୁଖୀନ ହେଉଥିବା ବ୍ୟକ୍ତିମାନେ ଜୀବନକୁ ଏକ ସଂଘର୍ଷ ରୂପେ ଗ୍ରହଣ କରି ତାହାର ସଦବିନିଯୋଗ ନିମନ୍ତେ ତିଳେ ମାତ୍ର ପଶ୍ଚାତପଦ ହୁଅନ୍ତିନାହିଁ। ସେମାନେ ଯଦି କୌଣସି କାର୍ଯ୍ୟ କରିବାକୁ ସ୍ଥିର କରିନିଅନ୍ତି, ତେବେ ତାହା ଯାବତୀୟ ପ୍ରତିକୂଳ ପରିସ୍ଥିତି ତଥା ବିରୋଧାଭାସ ସତ୍ତ୍ୱେ ସଫଳ କରିଦେଖାନ୍ତି। ସେମାନଙ୍କ କଥା ଓ କାମରେ ଫରକ ନ ଥାଏ। ସେହିମାନେ ହିଁ ହେଉଛନ୍ତି ଅସଲି କର୍ମବୀର। ସେହିପରି ଜଣେ କର୍ମବୀର ହେଉଛନ୍ତି କାଳିଚରଣ ଜୟସିଂହ। ଏକାଧାରରେ ଜଣେ ପ୍ରବୀଣ ଶିକ୍ଷାବିତ୍, ସମାଜସେବୀ, ସଂଗଠକ, ଲେଖକ ତଥା ସର୍ବୋପରି ଜଣେ କର୍ମଠ ମନୁଷ୍ୟ ଭାବେ ସେ ସର୍ବତ୍ର ପରିଚିତ। ୧୯୮୬ ମସିହାରେ ସାର୍ ଆମ ଗାଁ ହାଇସ୍କୁଲ (ଗଡ଼ବାଣୀକିଲୋ ହାଇସ୍କୁଲ)ରେ ଯୋଗଦେଲେ। ସେତେବେଳକୁ ମୁଁ ଗୋଡ଼ିକିଲୋ ୟୁଜିମିଜ ସ୍କୁଲରେ ପଢୁଥାଏ। ବାପାଙ୍କ ଅନୁରୋଧକ୍ରମେ ସେ ଆମ ଗାଁ ହାଇସ୍କୁଲରେ ଯୋଗଦେଇଥାନ୍ତି। ବାଙ୍କୋଇ ହାଇସ୍କୁଲ, ସିଟି ସ୍କୁଲ, କଲେଜ ଆଦି ସେ କରିଛନ୍ତି ଆଉ ଆମ ଗାଁ ହାଇସ୍କୁଲ ପାଠପଢା ବେଶ୍ ସୁଧୁରିଯିବ ବୋଲି ବାପା କହୁଥାନ୍ତି। ଅଧିକାଂଶ ଦିନ ଉପରବେଳା ସେ ଆମ ଘରକୁ ଆସନ୍ତି। ବୋଉ ଚା, ଜଳଖିଆ ତିଆରି କରିଦିଏ, ଆଉ ମୁଁ ସେସବୁ ତାଙ୍କ ପାଖକୁ ନେଇ ଗଲାବେଳକୁ ସେ ଆଖି ଉପରକୁ କରି ଆଉ ବେଳେବେଳେ ଆଖିବନ୍ଦ କରି ମୋତେ ପଚାରନ୍ତି ସଜି ରାଉତରାୟଙ୍କ କବିତା 'ଛୋଟ ମୋର ଗାଁ ଟି' ଟିକେ ଆବୃତ୍ତି କଲ...। ମୁଁ ଜାଣିନି ବୋଲି କହିବା ପରେ କୁହନ୍ତି, ହଁ ତମ ପାଠରେ ନାହିଁ ସେଇଟା...ଆମବେଳେ ଥିଲା...ହଉ ଶୁଣ, ମୁଁ ଆବୃତ୍ତି କରୁଛି...ତମେ ମନେ ରଖ। ଏତିକି କହି ସେ ଆବୃତ୍ତି କରନ୍ତି କବିତାଟି। ଆଉ ସେଇ କବିତା ଆବୃତ୍ତିରେ ସେ ଏଭଳି ତଲ୍ଲୀନ ହୋଇଯା'ନ୍ତି ଯେ, ମୋତେ ଲାଗେ ସେ ତାଙ୍କ ଜୀବନରେ ସବୁଠାରୁ ଅଧିକ ଆତ୍ମସନ୍ତୋଷତା ପାଆନ୍ତି ବୋଧହୁଏ ଏହି କବିତା ଆବୃତ୍ତି କରି। ପରବର୍ତ୍ତୀ ସମୟରେ ମୁଁ ହାଇସ୍କୁଲରେ ପଢିବା ବେଳେ ତାଙ୍କର ଏହି 'ଛୋଟ ମୋର ଗାଁ ଟି' କବିତା ମନସ୍କତା ପୁଣି ଦେଖିବାକୁ ପାଇଥିଲି। ଇଂରାଜୀ କ୍ଲାସରେ ମଧ୍ୟ ସାର୍ ଏହି କବିତା ଆବୃତ୍ତି କରିବସନ୍ତି। ଅନେକ ପିଲା ଓ ସ୍କୁଲର କେତେଜଣ ସାର୍ ଏଥିରେ ହସନ୍ତି, ଏହାକୁ ନେଇ ବାରମ୍ବାର ଆଲୋଚନା କରନ୍ତି। ସାର୍‌ଙ୍କ ଏହି ଗାଁ ମନସ୍କତା ମୋତେ ବେଶ୍ ଅଭିଭୂତ କରିଥିଲା। ଜନ୍ମଦାତ୍ରୀ ଆଉ ଜନ୍ମମାଟିକୁ ଭଲ ପାଉଥିବା ବ୍ୟକ୍ତିମାନେ ହିଁ ବାସ୍ତବିକ ଦେବୋପମ । କହିଲେ ଦେଖି ଜନ୍ମମାଟିକୁ 'ମାଟିର ସରଗ (ସ୍ୱର୍ଗ)' ବୋଲି ବର୍ଣ୍ଣନା କରୁଥିବା ବ୍ୟକ୍ତି ଆମ ସମାଜରେ ଆଉ କେତେ ଜଣ ଅଛନ୍ତି ! ନିଜ ଗାଁର ଆମ୍ବତୋଟା, ଲତା କୁଂଜ, ଝରଣା, ଗାଈଗୋଠ ଆଉ ମୁରଲୀର ସ୍ୱର, ଫସଲ କଟା ସମୟର ଗୀତ, ବାଗୁଡ଼ି ଖେଳ, ଚଉରା ଆଉ ମଶାଣି - ଏ ସବୁ ଆବେଗିକ ସ୍ମରଣ ବେଶ୍ ଭଲ ଲାଗେ ଗାଁ ମନସ୍କ ଲୋକମାନଙ୍କୁ। ସେହିଭଳିଜଣେ ମଣିଷ ହେଲେ କାଳି ସାର। ବିଭିନ୍ନ ଶିକ୍ଷାନୁଷ୍ଠାନ ସେ ନିଜ ଅଂଚଳରେ କିମ୍ବା କର୍ମସ୍ଥଳୀରେ (ଉଦାହରଣ ସ୍ୱରୂପ ଆମ ଗାଁ ଗଡ଼ବାଣୀକିଲୋରେ କଲେଜ) ପ୍ରତିଷ୍ଠା କରିଛନ୍ତି। ଆଜିକାଲି ତ ଲୋକେ ନିଜ ବ୍ୟବସାୟିକ ଫାଇଦା ପାଇଁ ଶିକ୍ଷାନୁଷ୍ଠାନ ଗଢୁଛନ୍ତି, ଯେଉଁଠୁ ସେମାନେ ଅଧିକ ପିଲା ପାଇବେ। ତେବେ କାଳି ସାର୍ ଆଜିକାଲିର ତଥାକଥିତ 'ଏଜୁକେଶନ ଟାଇକୁନ'ଙ୍କ ଠାରୁ ଭିନ୍ନ ଥିଲେ, ତାହା ସେତେବେଳେ ନ ହେଲେ ବି ଆଜି ଲୋକେ ଠିକ୍ ବୁଝିପାରୁଥିବେ। ଆଜିର ବେକାରି ଯୁଗରେ ସେ ଯଦି ଶିକ୍ଷାନୁଷ୍ଠାନମାନ ପ୍ରତିଷ୍ଠାରେ ପ୍ରୟାସୀ ହୋଇ ନ ଥା'ନ୍ତେ, ତେବେ ବେକାର ପରିସଂଖ୍ୟାନରେ ଆଉ କିଛି ହଜାର ବେକାରଙ୍କ ସଂଖ୍ୟା ଚଢିଥା'ନ୍ତା। ଆଜିର ଯୁଗରେ ଚାକିରି ଯୋଗାଇଦେବାଠୁ ବଳି ପୁଣ୍ୟ କାମ ଆଉ କିଛି ନାହିଁ। କାଳି ସାର୍ ଏହି ପୁଣ୍ୟ କେବେଠୁ କରିସାରିଛନ୍ତି। କମ୍ ସଂଘର୍ଷ ଆଉ ସମାଲୋଚନାର ଶିକାର ସେ ହୋଇନାହାନ୍ତି। ସେଇଟା ତ ଅଧିକାଂଶ ମଣିଷଙ୍କ ସ୍ୱାଭାବିକ ପ୍ରବୃତ୍ତି। ଭଲ କାମକୁ ସବୁବେଳେ ବିରୋଧ କରିବା ପାଇଁ କେହି ନା କେହି ଥିବେ। ବିଶ୍ୱାସଘାତକ ସବୁବେଳେ ଅଛନ୍ତି। ଅନେକ ସମୟରେ ସାର୍ ମନଦୁଃଖ କରି କୁହନ୍ତି, 'ମୁଁ ତ ସେମାନଙ୍କର କିଛି ଅମଙ୍ଗଳ କରିନି, କାହିଁକି ସେମାନେ ମୋତେ ବିରୋଧ କରୁଛନ୍ତି !' କାଳି ସାର୍ ଗତାନୁଗତିକତାରୁ ଦୂରରେ। ମୋର ସୌଭାଗ୍ୟ, ମୁଁ ଏହିଭଳି ଜଣେ ସାର୍‌ଙ୍କ ପାଖରେ ପଢିବାର ସୁଯୋଗ ପାଇଛି। ପାଠ୍ୟକ୍ରମକୁ ଛାଡ଼ି ସେ ଏଭଳି ଅନେକ ବିଷୟରେ ଶିକ୍ଷା ଦିଅନ୍ତି, ଯାହା ଜାଣିବା ନିହାତି ଦରକାର। ଏକ ନିର୍ଦ୍ଦିଷ୍ଟ ସୀମା ସରହଦ ଭିତରେ ରହି ପାଠ ପଢାଇବା ସେ ଚାହାନ୍ତି ନାହିଁ। ଜଣେ ଛାତ୍ର ପାଇଁ ଜ୍ଞାନଅର୍ଜନ ସହ ସୃଜନଶୀଳତାର ପରିସ୍ଫୁଟନ ଆବଶ୍ୟକ ବୋଲି ସେ ଅନେକ ସମୟରେ କୁହନ୍ତି। ପାଠପଢା ସହ ସ୍କୁଲରେ କ୍ରୀଡ଼ା ପ୍ରତିଯୋଗିତା, ବିଦ୍ୟାଳୟର ବାର୍ଷିକ ଉତ୍ସବ କରାଇବା ଆଦି ଅନେକ କାର୍ଯ୍ୟ ସେ କରିଛନ୍ତି। ଦୀର୍ଘଦିନ ଧରି ସ୍ଥାୟୀ ପ୍ରଧାନଶିକ୍ଷକ ଅଭାବରେ ଧିମେଇ ଯାଇଥିବା ଗଡ଼ବାଣୀକିଲୋ ହାଇସ୍କୁଲ ତାଙ୍କ ଯୋଗୁଁ ବେଶ୍ ଆଗେଇଯାଇଥିଲା। ଅଧିକାଂଶ ଦିନ ସ୍କୁଲରୁ ଫେରିଆସି ଉପରବେଳା ପୁଣି ସାର୍‌ଙ୍କ ଘରକୁ ଚାଲିଯାଇଥାଏ। ସ୍କୁଲ ନିକଟସ୍ଥ କ୍ୱାର୍ଟର୍ସରେ ସାର୍ ରହୁଥାନ୍ତି। କିଛି ସମୟ ସାର୍‌ଙ୍କ ପିଲାମାନଙ୍କ ସହ ଖେଳେ ଆଉ ସାରଙ୍କ ଘରକୁ ଆସୁଥିବା ଖବରକାଗଜ ଗୁଡ଼ିକ ଉପରେ ଆଖି ପକାଏ। ମୋର ଖବରକାଗଜ ପଢିବାଟା ଏକ ଝୁଙ୍କ। ତେଣୁ ଆମ ଘରକୁ ଆସୁଥିବା ଖଣ୍ଡେ ଦୁଇ ଖଣ୍ଡ ଖବରକାଗଜ ଯଥେଷ୍ଟ ହୁଏନାହିଁ। ଅନେକ ସମୟରେ ଖବରକାଗଜର ରବିବାସରୀୟ ସାହିତ୍ୟ ପୃଷ୍ଠା ସମ୍ପର୍କରେ ସାର୍ ଆଲୋଚନା କରନ୍ତି। ମଝିରେ ମଝିରେ ସମୟ ମିଳିଲେ ସାର୍ କିଛି ଆର୍ଟିକିଲ ଲେଖନ୍ତି। ଅଧିକାଂଶ ଦିନ ଉପରବେଳା ସାରଙ୍କ ଘରେ ମୋର ସମୟ ବିତେ। ସାର୍ ଆମ ଗାଁ ସ୍କୁଲକୁ ଆସିବା ପରଠାରୁ ବାପା ଆଉ ସାର୍ ବେଶ୍ ଘନିଷ୍ଠ। ସାର୍ ସବୁ କଥାରେ ବାପାଙ୍କ ଉପସ୍ଥିତି ଚାହାନ୍ତି। ସେହିକ୍ରମରେ ବାପା ସାର୍‌ଙ୍କ ଶିକ୍ଷାନୁଷ୍ଠାନଗୁଡ଼ିକ ସହ ଜଡ଼ିତ ହୋଇଗଲେ। ସିଟି ସ୍କୁଲ ପାଇଁ ସାର୍ କିଭଳି ସୁପ୍ରିମ୍‌କୋର୍ଟ ଯାଉଛନ୍ତି, ଗ୍ରାଣ୍ଟ ପାଇଁ ଚେଷ୍ଟା ଚାଲିଛି-ଏହିଭଳି ଅନେକ ସମ୍ବାଦ ବାପା ଆସି କୁହନ୍ତି। ସାମୂହିକ ସ୍ୱାର୍ଥ ପାଇଁ ସାର୍‌ଙ୍କର ଏଭଳି ତ୍ୟାଗ ମୋତେ ବେଶ୍ ଅଭିଭୂତ କରେ। କାଳି ସାର୍ ଅନେକ ଅନୁଷ୍ଠାନ ପ୍ରତିଷ୍ଠା କରିଛନ୍ତି। ସେଗୁଡ଼ିକ ମଧ୍ୟରେ ବାଂକୋଇ ଉଚ୍ଚବିଦ୍ୟାଳୟ, ବାଂକୋଇ, ପାଞ୍ଚଗଡ଼ ଅନଙ୍ଗ ନରେନ୍ଦ୍ର ମଧ୍ୟଇଂରାଜୀ ବିଦ୍ୟାଳୟ, ହାଟବସ୍ତ, ପାଞ୍ଚଗଡ଼ ଅନଙ୍ଗ ନରେନ୍ଦ୍ର ସ୍କୁଲ ଅଫ୍ ଏଜୁକେସନ, ବାଂକୋଇ (୧.୭.୧୯୯୭ରେ ସରକାରୀ ହେଲା, ଏବେ ଏହା ସରକାରୀ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ ଭାବେ ପରିଚିତ), କାଳିଚରଣ ପାଞ୍ଚଗଡ଼ ଅନଙ୍ଗ ନରେନ୍ଦ୍ର ମହାବିଦ୍ୟାଳୟ, +୨ ଓ +୩, ବାଂକୋ. କୁମୁଦିନୀ ପାଞ୍ଚଗଡ଼ ଅନଙ୍ଗ ନରେନ୍ଦ୍ର ବାଳିକା ଉଚ୍ଚବିଦ୍ୟାଳୟ, ବାଂକୋଇ, ଗଡ଼ବାଣୀକିଲୋ +୨ ମହାବିଦ୍ୟାଳୟ, ଗଡ଼ବାଣୀକିଲୋ ଆଦି ଅନ୍ୟତମ। ସାର୍ ନିଜେ ହିଁ ଏକ ଅନୁଷ୍ଠାନ। ଜୀବନ ସଂଗ୍ରାମରେ ସେ ହେଉଛନ୍ତି ଜଣେ ଆଗଧାଡ଼ିର ସିପାହୀ। ତାଙ୍କ ଜୀବନର ଅନ୍ତଃସ୍ୱର ହେଲା, 'ଚରୈବତି, ଚରୈବତି-ଆଗେଇ ଚାଲ, ଆଗେଇ ଚାଲ..।

ସମରେନ୍ଦ୍ର ବଳିଆରସିଂହ
ବିଶ୍ୱାଳ୍ପା, ବହ୍ନି ଜଗବନ୍ଧୁ ନଗର, ଖୋର୍ଦ୍ଧା

ଶାଶୁ-ବୋହୂ ମଧ୍ୟରେ କଳିଝଗଡ଼ା କାରଣରୁ ବୋହୂର ଆତ୍ମହତ୍ୟା ଉଦ୍ୟମ

କେନ୍ଦୁଝର (ପିଏନ୍): ଘଟଗାଁ ଥାନା ଅନ୍ତର୍ଗତ ବାଙ୍କପାଟୁଳି ଗ୍ରାମରେ ଘଟି ଯାଇଛି ଏକ ଅଭାବନୀୟ ଘଟଣା । ଶାଶୁ ଓ ବୋହୂର କଳି ଝଗଡା ଶେଷରେ ଉଗ୍ର ରୂପ ଧାରଣ କରିଛି । ଯଦ୍ଦ୍ୱାରା ବୋହୂ ରାଗରେ ମ୍ରିୟମାଣ ହୋଇ ନିଜେ ଆତ୍ମହତ୍ୟା କରିବାକୁ ଯାଇ ବର୍ତମାନ ଜୀବନମରଣ ସମସ୍ୟା ସହିତ ସଂଗ୍ରାମ କରୁଛି । ଖବର ଅନୁଯାୟୀ ବାଙ୍କପାଟୁଳି ମୁଣ୍ଡାସାହିର କୃଷ୍ଣ ମୁଣ୍ଡାଙ୍କ ସ୍ତ୍ରୀ ସୁମିତ୍ରା ମୁଣ୍ଡାଙ୍କର ତାଙ୍କ ଶାଶୁ ସହିତ କୌଣସି କାରଣରୁ କଳିଝଗଡା ହୋଇଥିଲା । ଯଦ୍ଦ୍ୱାରା ବୋହୂ ସୁମିତ୍ରା ନିଜକୁ ନିୟନ୍ତ୍ରଣ କରିନପାରି ମାନସିକ ଭାରସାମ୍ୟ ହରାଇ ଦେହରେ କିରୋସିନି ଢାଳି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ । ତାଙ୍କର ଶରୀର ଶତକଡା ୭୦% ଭାଗ ପୋଡି ଯାଇଛି । ତାଙ୍କୁ ପ୍ରଥମେ ଘଟଗାଁ ଏବଂ ପରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇ ଚିକିତ୍ସା କରାଯାଉଛି । ତାଙ୍କର ଅବସ୍ଥା ଗୁରୁତର ଥିବା ଜଣାପଡିଛି ।

ଯୁବଶିଳ୍ପୀ ନିଶିକାନ୍ତଙ୍କ ଦୀପାବଳୀର ନିଆରା ଶୁଭେଚ୍ଛା

କେନ୍ଦୁଝର (ପିଏନ୍): ଦୀପାବଳୀ ପାଇଁ ଗାଁରୁ ସହର ଯାଏଁ ଉତ୍ସବମୁଖର । କେତେ କଣ ଆୟୋଜନ, ଠାଏଁ ଠାଏଁ ପୂଜା ମଣ୍ଡପରେ ମା'କାଳୀଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥିବା ବେଳେ କେନ୍ଦୁଝର ସହର ଠାରୁ ମାତ୍ର ୧୦କି.ମି. ଦୂର ମହାଦେଇଯୋଡା ପଂଚାୟତ ଟିକରପଡା ଗ୍ରାମର ଯୁବପ୍ରତିଭା ତଥା ଟେରାକୋଟା ଶିଳ୍ପୀ ନିଶିକାନ୍ତ ବେହେରା ଅନନ୍ୟ ଦୀପାବଳୀ ଶୁଭେଚ୍ଛା ପ୍ରଦର୍ଶନ କରିଛନ୍ତି । ସେମିତି କିଛି ବ୍ୟୟସାପେକ୍ଷ ବା ଅନେକ କିଛି ଖର୍ଚ୍ଚ କରି ଗାଁ ଲୋକ ତଥା ସାଙ୍ଗସାଥିଙ୍କୁ ଶୁଭେଚ୍ଛା ନ ଦେଇ ନିଜ ଘର ଅଗଣାରେ ଥିବା ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ ପଡିଥିବା ଏକ ଟ୍ରିପ୍ ବାଲିକୁ ବ୍ୟବହାର କରି ୨/୩ ଘଂଟାର ପରିଶ୍ରମ କରି ଦୀପାବଳୀ ଶୁଭେଚ୍ଛା ପାଇଁ ତିଆରି କରିଛନ୍ତି ସୁନ୍ଦର ବାଲୁକା ନିର୍ମିତ ମା'କାଳୀଙ୍କ ପ୍ରତିମା ଏବଂ ସେଥିରେ ସମସ୍ତଙ୍କୁ ସନ୍ଦେଶ ଦେଇଛନ୍ତି ଯେ ଆମ୍ଭେ ବାଣ ନଫୁଟାଇ ପରିବେଶ ସୁରକ୍ଷା ପାଇଁ ଦୀପ ଜାଳିବା । ହେଲେ ଏତେ ସୁନ୍ଦର ବାଲୁକା ଶିଳ୍ପୀ ଗାଁ ମଲ୍ଲୀ ଗାଁରେ ମଉଳି ଯିବ ବୋଲି ରଜତ ବେହେରା, ପ୍ରଦୀପ ମାଝୀ କହିଥିବା ବେଳେ ନିଜେ ନିଶିକାନ୍ତ କହିଛନ୍ତି ଯେ ଏହି ବାଲୁକା କଳାକୃତି ମଧ୍ୟ ସେ ବାହାରେ ୨/୩ଥର ପ୍ରଦର୍ଶିତ କରିଛନ୍ତି । ଗାଉଁଲି ମଫସଲି ଯୁବକଙ୍କୁ ସରକାରଙ୍କ କୌଣସି ପ୍ରୋତ୍ସାହନ ବା କୌଣସି ସରକାରୀ ପ୍ରଦର୍ଶନୀରେ ଯଦି ଭାଗ ନେବାର ସୁଯୋଗ ମିଳେ ତେବେ ଜିଲ୍ଲା ତ

ମୋ ସହର

ଇଭିଏମ ମେସିନ ପରିବର୍ତ୍ତେ ବାଲାଟ ପେପର ପ୍ରଚଳନ ପାଇଁ ବହୁଜନ କ୍ରାନ୍ତୀ ମୋର୍ଚ୍ଚାର ଦାବୀ

ଚଣ୍ଡିଖୋଲ୦୫/୧୧(ପିଏନ)- ଗଣତନ୍ତ୍ରର ସଫଳତା ପାଇଁ ଭୋଟ ଦାନ ଏକ ବାଧ୍ୟତାମୁଳକ ହୋଇଥିଲା ବେଳେ ଭୋଟ ଦାନରେ ସ୍ୱଚ୍ଛତା, ନୀରପେକ୍ଷତା ରହିବା ନିହାତି ଜରୁରୀ। ମାତ୍ର ବର୍ତ୍ତମାନ ଦେଶରେ ପ୍ରଚଳିତ ହେଉଥିବା ଇଭିଏମ ମେସିନ୍‌ରେ ବ୍ୟାପକ ତ୍ରୁଟି, ଟ୍ୟାମ୍ପରିଙ୍ଗ, ସ୍ୱଚ୍ଛତା ଓ ନୀରପେକ୍ଷତା ରହୁନାହିଁ ବୋଲି ବହୁଜନ କ୍ରାନ୍ତି ମୋଚ୍ଚା ପକ୍ଷରୁ ଅଭିଯୋଗ ହେଉଛି। ଇଭିଏମ୍ ପର୍ଦ୍ଦା ଫାସ ରାଷ୍ଟ୍ରବ୍ୟାପି ପରିବର୍ତ୍ତନ ଯାତ୍ରା କାଶ୍ମିର ଠାରୁ ଆରମ୍ଭ କରି କନ୍ୟାକୁମାରୀ ପର୍ଯ୍ୟନ୍ତ ଚାଲିବ ବୋଲି ବହୁଜନ କ୍ରାନ୍ତି ମୋଚ୍ଚା କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଓଡ଼ିଶାରେ ଏହି ଯାତ୍ରା ନଭେମ୍ବର ୧ ତାରିଖ ଠାରୁ ଆରମ୍ଭ ହୋ ଆଜି ଚଣ୍ଡିଖୋଲ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ଯାଜପୁର ଜିଲା ବହୁଜନ କ୍ରାନ୍ତି ମୋଚ୍ଚା ସଂଯୋଜକ ଡ଼ଃ ପବନେଶ୍ୱର ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରିୟ ପଛୁଆ ବର୍ଗ ମୋଚ୍ଚାର ରାଷ୍ଟ୍ରୀୟ ସଭାପତି ବିକାଶ ଚୌଧୁରୀ, ରାଷ୍ଟ୍ରୀ ବହୁଜନ କ୍ରାନ୍ତି ମୋଚ୍ଚାର ସହ ସଂଯୋଜକ ଭାଞ୍ଜିଭାଇ ରାଠୋର, ବହୁଜନ କ୍ରାନ୍ତ ମୋଚ୍ଚାର ଓଡ଼ିଶା ସଂଯୋଜକ ସରୋଜ କୁମାର ସେଠୀ, ଆନ୍ତର୍ଜାତିକ ବୁଦ୍ଧିଷ୍ଟ ମହାସଂଘର ସଭ୍ୟ ଜଗଦିଶ ଯାଦବ, ରାଷ୍ଟ୍ରୀୟ ମୂଳ ନିବାସୀ ଓଡ଼ିଶା ସଭାନେତ୍ରୀ କମଳୀନୀ ଯାଜବ, ଖିରୋଦ ଦାସ, କାର୍ତ୍ତିକ ମଳିକ, ଆର୍ତ୍ତତ୍ରାଣ ମଳିକ, ଅନାମ ମଳିକ, ବିଷ୍ଣୁ ଚରଣ ନାୟକ, ଯତିନ୍ଦ୍ର ଜେନା, ଅଭୟ ପାତ୍ର, ମନୋଜ ଜେନା, ଭୀମସେନ ମଳିକ, ରଂଜିତ ମଳିକ, ନାରାୟଣ ମଳିକ, ସତ୍ୟବ୍ରତ ମଳିକ, ରାଜେଶ ମଳିକ, ଅଭିମନ୍ୟୁ ମଳିକ, ପ୍ରହ୍ଲାଦ ମଳିକ, ରଂଜନ ମଳିକ ପ୍ରମୁଖ ଯୋଗଦେଇ ଏଟ୍ରୋସିଟି ଏକ୍ଟକୁ ପ୍ରଭାବଶୀଳ ଭାବେ କାର୍ଯ୍ୟକାରୀ କରିବା, ଘରୋଇ କରଣ ବ୍ୟବସ୍ଥାର ସଂରକ୍ଷଣ ବ୍ୟବସ୍ଥାରେ ଲାଗୁକରିବା ପାଇଁ ସମ୍ବିଧାନ ସଂଶୋଧନ, ମହିଳାମାନଙ୍କ ସୁରକ୍ଷା ପାଇଁ କଠୋର ଆଇନ ପ୍ରଣୟନ, ଅନୁସୂଚିତ ଜାତୀ ଜନଜାତୀମାନଙ୍କୁ ସ୍ୱତନ୍ତ୍ର ନିର୍ବାଚନ କ୍ଷେତ୍ର ଦାବୀ ଆଦି ଉପରେ ଆଲୋଚନା କରିଥିଲେ। ଏହି ସଭାରେ ଯାଜପୁର ଜିଲାର ୧୦ଟି ବ୍ଲକ୍‌ରୁ ୫ଶହରୁ ଉର୍ଦ୍ଧ୍ୱ ବହୁଜନ କ୍ରାନ୍ତମୋଚ୍ଚା ମାନେ ଯୋଗ ଦେଇଥିଲେ।

ଭୁବନେଶ୍ୱର ସଂସ୍କରଣଟି ସିଏସ୍ ଆଇଟିଓ୍ୱିଜ୍ ୨୦୧୯

ଭୁବନେଶ୍ୱର,୩/୯ : ଦେଶର ଅଗ୍ରଣୀ ଆଇଟି ସେବା, ବ୍ୟବସାୟ ଓ ପରାମର୍ଶଦାତା କଂପାନୀ ଟାଟା କନସଲଟାନ୍‌ସୀସର୍ଭିସ (ଟିସିଏସ୍) ନିଜର ଭୁବନେଶ୍ୱର ସଂସ୍କରଣ ଆଇଟିଓ୍ୱିଜ୍ ୨୦୧୯ ଆସନ୍ତା ୬ ତାରିଖରେ ଭୁବନେଶ୍ୱର ଜୟଦେବ ବିହାର ରୋଡ଼ରେ ଥିବା ହୋଟେଲ ପାଲହାଇଟରେ ଆୟୋଜନ କରିବା ବିଷୟ ଘୋଷଣା କରିଛି। ଆଇଟିଓ୍ୱିଜ୍ ହେଉଛି ଦେଶର ସର୍ବବୃହତ ପ୍ରଯୁକ୍ତିକ୍ୱିଜ୍ ଯାହା ବିଦ୍ୟାଳୟ ପିଲାଙ୍କ ପାଇଁ ଉଦ୍ଦିଷ୍ଟ। ଏହି ପ୍ରତିଯୋଗିତାରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପାଠ ପଢୁଥିବା ଛାତ୍ରଛାତ୍ରୀ ଅଂଶଗ୍ରହଣ କରିପାରିବେ। ପ୍ରତି ଅନୁଷ୍ଠାନ ସର୍ବାଧିକ ୧୦ଟି ଦଳ (ପ୍ରତ୍ୟେକ ଦଳରେ ୨ ପ୍ରତିଯୋଗୀ) ଅଂଶଗ୍ରହଣ ପାଇଁ ପଠାଇପାରିବେ। ଏଥିପାଇଁ କୌଣସି ପ୍ରବେଶିକା ଦେୟ ରଖାଯାଇ ନାହିଁ। ଦେଶର ୧୨ଟି ସ୍ଥାନ ଅହମ୍ମଦାବାଦ, ବେଙ୍ଗାଲୁରୁ, ଭୁବନେଶ୍ୱର, ଚେନ୍ନାଇ, ଦିଲ୍ଲୀ, ହାଇଦ୍ରାବାଦ, ଇନ୍ଦୋର, କୋଚି, କୋଲକୋତା, ମୁମ୍ବାଇ, ନାଗପୁର ଓ ପୁନେଠାରେ ଟିସିଏସ୍ ଆଇଟିଓ୍ୱିଜ୍ ୨୦୧୯ ଅନୁଷ୍ଠିତହେବ। ଏଥିପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଜରିଆରେ ସେପ୍ଟେମ୍ବର ୩ ତାରିଖ ପୂର୍ବରୁ ଆବେଦନ ପତ୍ର କ୍ୱିଜ ସଂଯୋଜକ, ଟିସିଏସ୍ ଆଇଟିଓ୍ୱିଜ୍, ଟାଟାକନସଲଟାନ୍‌ସୀସର୍ଭିସ, ଏସ୍‌ଇଜେଡ୍ ପ୍ଲଟ- ୩୫, ଚନ୍ଦକାଶିଳ୍ପାଞ୍ଚଳ, ପଟିଆ, ଭୁବନେଶ୍ୱର- ୭୫୧୦୨୪କୁ ପଠାଇବା ପାଇଁ କୁହାଯାଇଛି। ଇମେଲରେ kaliprasad.tripathy@tcs.com ରେ ପଠାଯାଇପାରିବ ବା www.tcsitwiz.com ରେ ମଧ୍ୟ ଆବେଦନ କରିପାରିବେ। ପ୍ରାଥମିକଲିଖିତ ପର୍ଯ୍ୟାୟରୁ ସର୍ବଶ୍ରେଷ୍ଠ ୬ଟି ଦଳ ଆଞ୍ଚଳିକ ପର୍ଯ୍ୟାୟକୁ ଯିବେ। ଆଞ୍ଚଳିକ ପର୍ଯ୍ୟାୟରୁ ବିଜେତା ଆଗାମୀ ଡିସେମ୍ବର ମାସରେ ମୁମ୍ବାଇଠାରେ ଅନୁଷ୍ଠିତ ହେବାକୁ ଥିବା ଚୂଡ଼ାନ୍ତ ଫାଇନାଲରେ ଅଂଶଗ୍ରହଣ କରିବେ। ଆଞ୍ଚଳିକ ପର୍ଯ୍ୟାୟରେ ଚମ୍ପିୟାନ ୬୦,୦୦୦ ଟଙ୍କା ଓ ରନର୍ସ ଅପ ୪୦,୦୦୦ ଟଙ୍କା ପୁରସ୍କାରରାଶି ପାଇବେ। ଏଥିସହ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ କରାଯାଇଥିବା ଟ୍ରଫି ଓ ମେଡ଼ାଲ ପ୍ରଦାନ କରାଯିବ।

ପ୍ରିମିୟମ ପୁରୁଷ ପୋଷାକ ବ୍ରାଣ୍ଡ୍ ଲୁଇ ଫିଲିପ୍ସ ପକ୍ଷରୁ ଭୁବନେଶ୍ୱରରେ ପଂଚମ ଷ୍ଟୋର୍ ଉଦ୍‌ଘାଟିତ

ଭୁବନେଶ୍ୱର: ଭାରତର ଅଗ୍ରଣୀ ପ୍ରିମିୟମ୍ ଆନ୍ତର୍ଜାତିକ ପୁରୁଷ ପରିଧାନ ବ୍ରାଣ୍ଡ୍ ଲୁଇ ଫିଲିପ୍ ପକ୍ଷରୁ ଭୁବନେଶ୍ୱରରେ ଏହାର ପଂଚମ ଷ୍ଟୋର୍ ଖୋଲାଯାଇଛି। ୧୯୮୯ରେ ଆଦିତ୍ୟ ବିର୍ଲା ଗ୍ରୁପ ପକ୍ଷରୁ ଲୁଇ ଫିଲିପ୍‌କୁ ଭାରତ ଅଣାଯାଇଥିଲା ଏହା ପର ଠାରୁ ଏହି ବ୍ରାଣ୍ଡ୍ ଏହାର ସ୍ୱତନ୍ତ୍ର କାରିଗରି ଏବଂ କ୍ଲାସିକ୍ ତଥା ପାରମ୍ପରିକ ଛାପ ଯୋଗୁ ବେଶ ଲୋକପ୍ରିୟ ହୋଇପାରିଛି। ସହରରେ ନୂତନ ଭାବେ ଖୋଲାଯାଇଥିବା ଏହି ପଂଚମ ଷ୍ଟୋର୍‌ଟି ଡିଏନ୍ ରେଗାଲିଆ ମଲ୍‌ରେ ଖୋଲାଯାଇଛି ଏବଂ ୧୧୦୦ ବର୍ଗଫୁଟରେ ସ୍ଥାପନ କରାଯାଇଛି। ଏହାକୁ ମିଶାଇ ଓଡ଼ିଶାରେ ଲୁଇ ଫିଲିପ୍‌ର ଷ୍ଟୋର୍ ସଂଖ୍ୟା ୬ରେ ପହଂଚିଛି।

ଏହି ବ୍ରାଣ୍ଡ୍ ପକ୍ଷରୁ ଏହାର ସଦ୍ୟତମ ପରମାପ୍ରେସ୍ ସମ୍ଭାର ସହିତ ଏକ ନୂତନ ଅଭିଯାନ "ଷ୍ଟେ ଅନକ୍ରସଡ୍'ର ଶୁଭାରମ୍ଭ କରାଯାଇଛି। ଏହା ଏକ ବାସ୍ତବ ନେତୃତ୍ୱର ନମନୀୟ ଏବଂ ନିର୍ଦ୍ଦିଷ୍ଟ ମନୋବଳକୁ ପ୍ରତିଫଳିତ କରୁଛି।

ଏହି ଅବସରରେ ଫରିଦା କଲିଆଦାନ, ସିଓଓ, ଲୁଇ ଫିଲିପ କହିଛନ୍ତି ଯେ, "ଖୁଚୁରା କ୍ଷେତ୍ରରେ ଅଭିବୃଦ୍ଧି ସାଙ୍ଗକୁ ଗ୍ରାହକ ଚାହିଦାରେ ଦେଖାଦେଇଥିବା ବୃଦ୍ଧି ଏହି ବ୍ରାଣ୍ଡ୍ ପାଇଁ ଭୁବନେଶ୍ୱରକୁ ଆକର୍ଷଣୀୟ ବଜାରରେ ପରିଣତ କରିଛି। ସହରରେ ଆମର ପଂଚମ ଷ୍ଟୋର୍‌କୁ ଉନ୍ମୋଚନ କରି ଆମେ ବହୁତ ଆନନ୍ଦିତ ଯେଉଁଥିରେ ବ୍ୟାପକ ପ୍ରକାରର ପ୍ରିମିୟମ ପୋଷାକ ପ୍ରତିଟି ଅବସର ପାଇଁ ରହିଛି। ଏହି ଷ୍ଟୋର ଶୁଭାରମ୍ଭ ଆମ ପାଇଁ ଏକ ବହୁତ ବଡ଼ ସଫଳତା ଏବଂ ଲୁଇ ଫିଲିପ ପାଇଁ ଏହି ସହରର ଗୁରୁତ୍ୱକୁ ଜଣାଉଛି। ସୁପରିୟର କାରିଗରି, ଶ୍ରେଷ୍ଠ ମାନ ଓ ଅତୁଳନୀୟ ଖୁଚୁରା ଅନୁଭୂତି ଜରିଆରେ ଆମେ ଆମ ଷ୍ଟୋର୍‌ରେ ଆମର ପୃଷ୍ଠପୋଷକମାନଙ୍କୁ ଉଲ୍ଲସିତ କରି ଗ୍ରାହକ ଅନୁଭୂତିରେ ଉନ୍ନତି ଆଣିବାକୁ ଚାହୁଁଛୁ।''

ଭାରତରେ ପ୍ରିମିୟମ ପୋଷାକ ପରିଧାନ ବର୍ଗରେ ଲୁଇ ଫିଲିପ ଅଗ୍ରଣୀ ରହିଛି। ଗ୍ରାହକଙ୍କ ସୁବିଧା ଅନୁସାରେ କଂପାନି ନିଜ ଭିତରେ ନୂତନତ୍ୱ ଆଣୁଛି ଏଂ ସେହି ଅନୁସାରେ ଫର୍ମାଲ, ସେମି-ଫର୍ମାଲ, କାଜୁଆଲ, ବିବାହ ପୋଷାକ ଓ ଆକ୍‌ସେସୋରିଜ୍ ପ୍ରଦାନ କରୁଛି। ଷ୍ଟାଇଲ ସଚେତନ ପୁରୁଷଙ୍କ ଫେସନ ଆବଶ୍ୟକତାକୁ ପୂରଣ କରିବା ପାଇଁ ଭୁବନେଶ୍ୱରର ଏହି ନୂଆ ଷ୍ଟୋରରେ ସୁଟ, ସାର୍ଟ, ଟ୍ରାଉଜର, ଟି-ସାର୍ଟ, ଜିନ୍ସ, ଫୁଟୱୟାର ଓ ଆକ୍‌ସେସୋରିଜ୍ ଆଦି ରହିଛି। ଏହି ଷ୍ଟୋର୍‌ରେ ପାମ୍ପରେସ୍ ଭୋଏଜ୍, ଦି ଫାଇନେଷ୍ଟ ରିଙ୍କିଲ ଫ୍ରି ସମ୍ଭାର, ଗଡସ୍ ଆଣ୍ଡ୍ କିଙ୍ଗସ୍ ରେଂଜ୍, ଲକ୍‌କୁରି, ଏଲ୍‌ପି ଲୁକ୍ସର, ଏଲ୍‌ପି ସ୍ପୋର୍ଟସ ଓ ଏଲ୍‌ପି ଜିନ୍ସ ଭଳି ପୋଷାକ ସମ୍ଭାର ରହିଛି।

ପହରିଆଙ୍କୁ ଆଦିବାସୀ ମାନ୍ୟତା ଦାବି

ନୂଆପଡ଼ା,(ପିଏନ)- ପହରିଆ ବା କମାର୍ ଏକ ଜନଜାତି। ଛତିଶଗଡ଼ ତଥା ମଧ୍ୟ ପ୍ରଦେଶରେ କମାର ମାନଙ୍କୁ ଆଦିମ ଜନଜାତି ମର୍ଯ୍ୟାଦା ମିଳିଥିବା ସ୍ଥଳେ, ଓଡ଼ିଶାରେ ସେମାନଙ୍କୁ ଆଦିବାସୀ ମାନ୍ୟତା ମିଳି ପାରି ନାହିଁ। ଏଥିଲାଗି ଓଡ଼ିଶାର କମାର ମାନେ ଗତ ୨ ଦଶନ୍ଧି ଧରି ସଂଗ୍ରାମ ଜାରି ରଖିଛନ୍ତି। କେତେ ବେଳେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ତ ଆଉ କେତେ ବେଳେ ରାଜ୍ୟ ସରକାର ସହ କେନ୍ଦ୍ରକୁ ବିଭିନ୍ନ ସମୟରେ ପତ୍ର ଲେଖି ଦାବୀ କରିଛନ୍ତି, ହେଲେ ଆଦିବାସୀ ମାନ୍ୟତା ମିଳିବା ସେମାନଙ୍କ ପାଇଁ ସତେ ଯେମିତି ସ୍ୱପ୍ନ ହୋଇଯାଇଛି। ପହରିଆ ଜନଜାତି ଆମ ରାଜ୍ୟର ନୂଆପଡ଼ା, ବଲାଙ୍ଗିର, ବରଗଡ, କଳାହାଣ୍ଡି ଓ ନବରଙ୍ଗପୁର ପ୍ରଭୃତି ଜିଲ୍ଲାରେ ବସବାସ କରୁଥିବା ବେଳେ ଏମାନଙ୍କ ଜନସଂଖ୍ୟା ୭ ହଜାର ଭିତରେ ରହିଛି। ଏମାନଙ୍କ ସର୍ବାଧିକ ୬୦ ପ୍ରତିଶତ ନୂଆପଡ଼ା ଜିଲ୍ଲାରେ ବାସ କରନ୍ତି। ନୂଆପଡ଼ା ଜିଲ୍ଲାର ଛତିଶଗଡ଼ ସୀମାକୁ ଲାଗି ରହିଥିବା ସିନାପାଲି ଓ କୋମନା ବ୍ଲକ୍‌ର ପାର୍ବତ୍ୟ ମାଳଭୂମି ଅଂଚଳରେ ଅଧିକାଂଶ କମାର ଜନଜାତିଙ୍କ ବସତି ଦେଖିବାକୁ ମିଳେ। ଏମାନଙ୍କ ଚଳଣୀ ଓ ଘରକରଣା ବାଉଁଶକୁ ନେଇ କେନ୍ଦ୍ରିତ। ବାଉଁଶରେ ଘରକରଣା ଏବଂ କୃଷି ଉପଯୋଗୀ ଯାବତୀୟ ସାମଗ୍ରୀ ପ୍ରସ୍ତୁତି କାର୍ଯ୍ୟକୁ କୌଳିକ ତଥା ମୁଖ୍ୟ ଜିବୀକା ଭାବେ ଆଦରି ଥିବା ଅଧିକାଂଶ ପହରିଆ-କମାର ଦାରୀଦ୍ର୍ୟର ସୀମାରେଖା ତଳେ ବାସବାସ କରୁଛନ୍ତି। ବାଉଁଶ କାମରୁ ସପ୍ତାହକୁ ମିଳୁଥିବା କେବଳ ୨୦୦/୩୦୦ ଟଙ୍କା ହିଁ ଅଧିକାଂଶ ପହରିଆ ପରିବାରଙ୍କର ସର୍ବସ୍ୱ ଆୟ। ଏପରିସ୍ଥଳେ, ଆଦୀବାସୀ ମାନ୍ୟତାରୁ ବଂଚିତ ହେବା, ସରକାରଙ୍କର ବିଭିନ୍ନ ସୁବିଧା ସୁଯୋଗ ନ ପାଇବା ଦ୍ୱାରା ଏମାନଙ୍କ ଆର୍ଥିକ ଏବଂ ସାମାଜିକ ସ୍ଥିତି ଦିନକୁ ଦିନ ଅତ୍ୟନ୍ତ ଖରାପ ହେବାରେ ଲାଗିଛି। ଇଂରେଜ ଶାସନ କାଳର ପ୍ରଶାସନିକ ବିବରଣୀରୁ କମାର ମାନଙ୍କ ବିଷୟରେ ଜାଣିବାକୁ ମିଳେ। ସେତେବେଳର ବ୍ରିଟିଶ ପ୍ରଶାସକ ତାଙ୍କର ବିବରଣୀରେ କମାର ସଂପ୍ରଦାୟର ଲୋକେ ଏକାନ୍ତରେ ରହିବା, ଜଙ୍ଗଲରେ ବସବାସ କରିବା ସହ ଜଙ୍ଗଲ ଜାତ ସାମଗ୍ରୀ ସଂଗ୍ରହ କରି ଜିବିକା ନିର୍ବାହ କରୁଥିବା ନେଇ ଉଲ୍ଲେଖ କରିଛନ୍ତି। ୧୯୦୧, ୧୯୧୧ ଓ ୧୯୧୬ ଜନଗଣନାରେ ପହରିଆ ମାନଙ୍କୁ ଆଦିବାସୀ ରୂପେ ଗଣନା କରାଯାଇଛି। ଫଳରେ ବ୍ରିଟିସ୍ ଶାସନ କାଳରେ ଏମାନଙ୍କୁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଥିଲା। ଏହି ବ୍ୟବସ୍ଥା ମାଧ୍ୟମରେ ପହରିଆ ଗଉଁନ୍ତିଆ ମାନଙ୍କୁ ସୁରକ୍ଷା ବ୍ୟବସ୍ଥା ମିଳିଥିବା ବିଭିନ୍ନ ନଥିପତ୍ରରୁ ଜଣାଯାଏ। ଖଡ଼ିଆଳ ବ୍ଲକ୍‌ର କେନ୍ଦୁପାଟି ଗ୍ରାମ, ବୋଡ଼େନ ବ୍ଲକ୍‌ର କାଠ୍‌ଫାର ଏବଂ କୋମନା ବ୍ଲକ୍‌ର ଅଡ଼ାର ଗ୍ରାମର ଗଉଁନ୍ତିଆମାନଙ୍କୁ ସୁରକ୍ଷା ବ୍ୟବସ୍ଥା ମିଳିଥିଲା। ଫଳରେ ବିଭିନ୍ନ ଗ୍ରାମରେ ପହଁରିଆ ମାନେ ଗଉଁନ୍ତିଆ ଥିବା ପ୍ରମାଣ ମିଳେ। ତେବେ, ୧୯୩୬ ମସିହାରେ ଖଡ଼ିଆଳ ଜମିଦାରୀ ଓଡ଼ିଶାରେ ମିଶ୍ରଣ ହେଲା ଏବଂ ଏହି ଅଂଚଳରେ ବାସ କରୁଥିବା ପହରିଆ-କମାର ମାନେ ଓଡ଼ିଶାର ଅଧିବାସୀ ହୋଇ ନିଜର ଆଦିବାସୀ/ଜନଜାତି ମାନ୍ୟତା ହରାଇଥିଲେ। ଏହା ସହ ପହରିଆ ଗଉଁନ୍ତିଆ ମାନେ ବ୍ରିଟିସଙ୍କ ଠାରୁ ମିଳିଥିବା ତାଙ୍କର ପଦବୀ ସୁରକ୍ଷା ବ୍ୟବସ୍ଥା ହରାଇଥିଲେ ଏବଂ ଧିରେ ଧିରେ ତାଙ୍କର ଜମି ଅଣ ଆଦିବାସୀ ମାନଙ୍କୁ ହସ୍ତାନ୍ତର ହୋଇଯାଇଥିଲା। ବର୍ତମାନ ଓଡ଼ିଶାର ପହରିଆ ମାନଙ୍କ ମଧ୍ୟରେ ୯୦ ରୁ ଉର୍ଦ୍ଧ୍ୱ ଭାଗ ପରିବାର ଜମିହୀନ ଅଟନ୍ତି। ଓଡ଼ିଶାର ପହରିଆ ମାନଙ୍କୁ ସ୍ୱାଧିନ ଭାରତର ସମ୍ବିଧାନରେ ଜନଜାତି ତାଲିକାରେ ସ୍ଥାନ ଦିଆନଯିବା ପଛରେ କୌଣସି ଅଭିଶନ୍ଧି ଥାଇପାରେ। ତେବେ, ସେତେବେଳେ ଜନଗଣନା ଦାୟିତ୍ୱରେ ଥିବା କର୍ମଚାରୀ ମାନେ କମାର ବା ପହରିଆ ମାନଙ୍କ ବିଷୟରେ ଜାଣି ନଥିବାରୁ, କମାର ମାନଙ୍କୁ ଲୁହା କାମ କରୁଥିବା ଜାତି ଭାବେ ଅଭିହିତ କରି ଜନଜାତି ତାଲିକାରୁ ବାଦ୍ ଦେଇଥିବା ଅନୁମାନ କରାଯାଏ। ୧୯୮୩ ମସିହାରେ ଅଧ୍ୟାପକ ଡ.ଫଣିନ୍ଦମ ଦେଓ ତାଙ୍କର ଗବେଷଣା ମାଧ୍ୟମରେ ପହରିଆଙ୍କୁ ଆଦିବାସି ମାନ୍ୟତା ନେଇ କଥା ଉଠାଇଥିଲେ। ଅଶି ଦଶକରେ ବିଧାନସଭାରେ ମଧ୍ୟ ପହରିଆଙ୍କ ସମସ୍ୟାକୁ ନେଇ ପ୍ରଶ୍ନ ଉଠିଥିଲା। ତେବେ ସମସ୍ୟାର ସମାଧାନ ଲାଗି କୌଣସି ପଦକ୍ଷେପ ନିଆଯାଇନଥିଲା। ଗତ ୨୦୦୦ ମସିହା ବେଳକୁ ଘନଶ୍ୟାମ ପହରିଆ, ଲଛମନ ପହରିଆ, ଇନ୍ଦ୍ର ପହରିଆ ଏବଂ ସୁକଲ ସାଏ ପହରିଆ ପ୍ରମୁଖଙ୍କ ନେତୃତ୍ୱରେ ପହରିଆ-କମାର ବିକାଶ ମଂଚ ଗଠନ ହୋଇଥିଲା ଏବଂ ଆଦିବସୀ ମାନ୍ୟତା ଦାବି ଜୋର ଧରିଥିଲା। ଅନ୍ତର୍ଜାତୀୟ ସଂଗଠନ ୟୁ.ଏନ୍.ଡି.ପି. ତରଫରୁ ମଧ୍ୟ ଏହି ବିଷୟକୁ ନେଇ ଏକ ବିବରଣୀ ପ୍ରକାଶ ପାଇଥିଲା। ଡ.ଫଣିନ୍ଦମ ଦେଓ ୨୦୦୫ ମସିହାରେ ପହରିଆ ମାନଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିକୁ ନେଇ ଏକ ସର୍ଭେ କରିଥିଲେ। ଏହି ସବୁ ଗବେଷଣା, ସଂଦର୍ଭ ଓ ବିବରଣୀକୁ ନେଇ ପହରିଆ ମାନେ ଜନଜାତିର ମାନ୍ୟତା ଲାଗି ଓଡ଼ିଶା ତଥା ଭାରତ ସରକାରଙ୍କ ଦୃଷ୍ଟି ଅକର୍ଷଣ କରିଥିଲେ। ଓଡ଼ିଶା ସରକାରଙ୍କ ଅନୁସୂଚୀତ ଜାତି, ଜନକାତି ଗବେଷଣା ଏବଂ ପ୍ରଶିକ୍ଷଣ ଅନୁଷ୍ଠାନ ଦ୍ୱାରା ପହରିଆଙ୍କ ଜାତିଗତ ସ୍ଥିତି ସମ୍ବନ୍ଧରେ ଅନୁଧ୍ୟାନ କରାଯିବା ପରେ ଗତ ୨୦୦୫ ମସିହାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଟି.ଏ.ସି. ବୈଠକରେ ପହରିଆ ମାନଙ୍କୁ ସମ୍ବିଧାନରେ ଜନଜାତି ଭାବେ ସ୍ଥାନ ଦେବାଲାଗି କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଥିଲା। ଏହାପରେ କ୍ରମାଗତ ଭାବେ ୨୦୦୬ ଏବଂ ୨୦୦୭ ମସିହାରେ ଟି.ଏ.ସି. ବୈଠକରେ ମଧ୍ୟ ଓଡ଼ିଶା ସରକାରଙ୍କ ତରଫରୁ କେନ୍ଦ୍ର ସରକାରଙ୍କୁ ଜନଜାତି ତାଲିକାରେ ସ୍ଥାନ ଦେବାଲାଗି ଅନୁରୋଧ କରାଯାଇଛି।

ନିଖୋଜ ବ୍ୟକ୍ତିର ମୃତଦେହ ପୋଖରୀରୁ ଉଦ୍ଧାର

କେନ୍ଦୁଝର, (ପିଏନ)- କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ରୁଗୁଡି ଗ୍ରାମର ବନମାଳୀ ଦେହୁରୀ ରବିବାର ଦିନରୁ ହଠାତ୍ ନିଖୋଜ ହୋଇଯାଇଥିଲେ। ପରିବାର ଲୋକମାନେ ତାଙ୍କୁ ବିଭିନ୍ନସ୍ଥାନ ଖୋଜି ଥିଲେ ମଧ୍ୟ କେଉଁଠାରେ ସେ ମିଳି ନଥିଲେ କିମ୍ବା ତାଙ୍କ ସଂପର୍କରେ କୌଣସି ଠାରେ କିଛି ବି ସୂଚନା ମିଳିନଥିଲା। ଫଳରେ ପରିବାର ଲୋକଙ୍କ ପକ୍ଷରୁ ଏ ସଂପର୍କରେ ଥାନାରେ ସୂଚନା ଦିଆଯିବା ପରେ ଥାନାରେ ନିରୁଦ୍ଧିଷ୍ଟର ଏକ ମାମଲା ରୁଜୁ ହୋଇଥିଲା। କିନ୍ତୁ ପରେ ପରେ ବନମାଳୀ ଦେହୁରୀଙ୍କ ଜୋତା ଓ ଗାମୁଛା ଗାଁର ପୋଖରୀ ହୁଡାରେ ଥୁଆ ହୋଇଥିବାର ଦେଖିବାକୁ ମିଳିଥିଲା। ଏହି ଘଟଣା ଜଣା ପଡିବା ପରେ ତୁରନ୍ତ ତାଙ୍କୁ ପୋଖରୀରେ ବୁଡିଯାଇଥିବା ସନ୍ଦେହ କରି ଖୋଜା ଯାଇଥିଲା। ଏବଂ ତେଲକୋଇ ଅଗ୍ନିଶମ ବିଭାଗକୁ ମଧ୍ୟ ଖବର ଦିଆ ଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀମାନେ ଖୋଜା ଖୋଜି ପରେ ରବିବାର ତାଙ୍କୁ ଠାବ କରିବା ସମ୍ଭବ ହୋଇପାରି ନଥିଲା। ଆଜି ପୁଣି ସକାଳୁ ପୋଖରୀରେ ଖୋଜା ଖୋଜି ପରେ ସେଠାରୁ ବନମାଳୀଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା। ବନମାଳୀଙ୍କର ଘର ରୁଗୁଡି ଗ୍ରାମରେ ହୋଇଥିବାବେଳେ ତାଙ୍କ ବୟସ ୪୫ ବର୍ଷ ବୋଲି ଜଣା ପଡିଛି। ରବିବାର ଦିନ ପ୍ରାୟ ୧୨ଟାବେଳେ ସେ ପୋଖରୀକୁ ଗାଧୋଇକୁ ଯାଇଥିବା କୌଣସି କାରଣରୁ ତାଙ୍କ ଗୋଡ ଖସି ଯାଇଥିଲା ଏବଂ ସେ ପୋଖରାରେ ବୁଡିଯିବା ପରେ ଆଉ ବାହାରି ପାରି ନଥିଲେ।

ହିରୋ ମୋଟୋକର୍ପ ର କାରିବିଆନ ପ୍ରିମିୟର ଲିଗ ପ୍ରାୟୋଜନ ଅବଧି ତିନି ବର୍ଷ ବୃଦ୍ଧି

ଭୁବନେଶ୍ୱର : ହିରୋ ମୋଟୋକର୍ପ ପକ୍ଷରୁ କାରିବିଆନ ପ୍ରିମିୟର ଲିଗ (ସିପିଏଲ)ର ପ୍ରାୟୋଜନ ଅଗାମୀ ୩ ବର୍ଷ ପାଇଁ ବଢାଇବାକୁ ସମ୍ମତି ପ୍ରକାଶ ପାଇଛି। ଏହା ଦ୍ୱାରା ବିଶ୍ୱର ସର୍ବ ବୃହତ ମୋଟର ସାଇକେଲ ନିର୍ମାତା ହିରୋ ମୋଟୋକର୍ପ ର କାରିବିଆନ ଲିଗ ର ୨୦୨୨ ପର୍ଯ୍ୟନ୍ତ ମୁଖ୍ୟ ପ୍ରାୟୋଜକ ରହିବେ। ଟ୍ୱେଂଟି ଟ୍ୱେଂଟି କ୍ରିକେଟ ଲିଗର ଟାଇଟଲ ପ୍ରାୟୋଜକ ଭାବେ ୨୦୧୫ରୁ ହିରୋ ମୋଟୋକର୍ପ ସହାୟତା ଦେଇଆସୁଛି।

ହିରୋ ମୋଟୋକର୍ପ ଦିର୍ଘ ସମୟ ଧରି ଭାରତ ଏବଂ ବିଶ୍ୱରେ ଅନ୍ୟ ସ୍ଥାନ ମାନଙ୍କରେ କ୍ରିକେଟ, ଫୁଟବଲ, ହକି ଏବଂ ଗଲ୍ଫ ଆଦି ଖେଳରେ ସହଭାଗୀ

ଖେଳି

ସମ୍ପୂର୍ଣ୍ଣ ନିରପେକ୍ଷ ସାପ୍ତାହିକ ଲୋକପ୍ରିୟ ସମ୍ବାଦପତ୍ର

ପର୍ଯ୍ୟବେକ୍ଷକ

PARYABEKHYAK

Bhubaneswar Wednesday November 06 | ଭୁବନେଶ୍ୱର | ବୁଧବାର, ନଭେମ୍ବର ୦୬ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ଜଳସମ୍ପଦ ପ୍ରମୁଖ ସଚିବଙ୍କ କାନପୁର ପ୍ରକଳ୍ପ ପରିଦର୍ଶନ

ଯୋଡା,୫/୧୧(ପିଏନ୍): ଯୋଡା ବ୍ଲକ ଅନ୍ତର୍ଗତ କଣ୍ଡରା ଗ୍ରାମପଚାଂୟତ ର ବାସୁଦେବପୁର ବୈତରଣୀ ନଦୀ ଉପରେ ନିର୍ମାଣଧିନ କାନପୁର ବୃହତ ଜଳ ସେଚନ ପ୍ରକଳ୍ପକୁ ଆଜି ଜଳସମ୍ପଦ ପ୍ରମୁଖ ସଚିବଙ୍କ ଗସ୍ତ କରି ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିବା ଜଣାପଡିଛି ।ଘଟଣାସ୍ଥଳରୁ ଜଣାପଡିଛିଯେ, ଆଜି ପ୍ରାୟ ପୂର୍ବାହ୍ନ ୧୦ଘଟିକା ସମୟରେ କାନପୁର ବୃହତ ଜଳ ସେଚନ ପ୍ରକଳ୍ପକୁ ଜଳ ସମ୍ପଦ ପ୍ରମୁଖ ସଚିବ ସୁରେନ୍ଦ୍ର କୁମାର, ଇ.ଆଇ.ସି ଅକ୍ଷୟ କୁମାର ବାର୍ନାଜି ଗସ୍ତ କରି କାନପୁର ପ୍ରକଳ୍ପ ନିର୍ମାଣର ଅଗ୍ରଗତି ନେଇ ସ୍ପିଲୱେ ଓ ମାଟିବନ୍ଧ ସମେତ ବିଭିନ୍ନ ସ୍ଥାନକୁ ବୁଲି ଦେଖିଥିଲେ । ଏବଂ ପ୍ରକଳ୍ପ କାର୍ଯ୍ୟକୁ ତୁରନ୍ତ ନିଦ୍ଧାରିତ ସମୟରେ ସାରିବାକୁ ପ୍ରକଳ୍ପ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଏଥିରେ କାନପୁର ପ୍ରକଳ୍ପ ନିର୍ଦ୍ଦେଶକ କୁଶଳ ନାଏକ, ମୁଖ୍ୟ ନିର୍ମାଣ ଯନ୍ତୀ ମହେନ୍ଦ୍ର କୁମାର ଭୂୟାଁ, ପୁର୍ନବସତି ଓ ପୁର୍ନଥଇଥାନ ବିଭାଜନ ନିର୍ବାହୀ ଯନ୍ତୀ ଉଦୟନାଥ ସାହୁ, ହେଡଓ୍ୱାର୍କସ ନିର୍ବାହୀଯନ୍ତୀ ସନ୍ତୋଷ କୁମାର ସାହୁଙ୍କ ସମେତ ପ୍ରକଳ୍ପ କର୍ମଚଚାରୀ ମାନେ ଉପସ୍ଥିତ ରହିଥିଲେ ।

ମୁଁ ଚାହେଁ ଓଡ଼ିଶାରୁ ମଦ ବନ୍ଦ ହେଉ ଅନଶନର ଅଷ୍ଟମ ଦିନରେ ଆଦିତ୍ୟଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ

ଭୁବନେଶ୍ୱର,(ପିଏନ): ଅଗଷ୍ଟ ୧୫ତାରିଖରୁ 'ପିପୁଲସ୍ ଫର ସେବା' ତରଫରୁ ଆରମ୍ଭ ହୋଇଥିବା 'ମୁଁ ଚାହେଁ ଓଡ଼ିଶାରୁ ମଦ ବନ୍ଦ ହେଉ' ଅନଶନ ଅଷ୍ଟମ ଦିନରେ ପହଞ୍ଚିଛି । ଏହି ଆନ୍ଦୋଳନରେ ଅନଶନରେ ବସିଥିବା ସଂସ୍ଥାର ପ୍ରତିଷ୍ଠାତା ଆଦିତ୍ୟ ଦାଶଙ୍କ ସ୍ୱାସ୍ଥ୍ୟବସ୍ଥାରେ ଘୋର ଅବନତି ଦେଖାଦେଇଅଛି । ତାଙ୍କର ସ୍ୱାସ୍ଥ୍ୟବସ୍ଥାହ ପରୀକ୍ଷା କରିବା ପାଇଁ ଡାକ୍ତର ଆସି ଅନଶନ ସ୍ଥଳରେ ତାଙ୍କୁ ମେଡିକାଲ୍ ପଠାଇଥିଲେ । କିନ୍ତୁ ମେଡିକାଲରେ ଅନ୍ୟ ଜଣେ ଡାକ୍ତର ତାଙ୍କର କିଛି ହୋଇନାହିଁ କହି ଫେରାଇ ଦେଇଥିଲେ, ଯାହା ଆନ୍ଦୋଳନକାରୀଙ୍କ ମନରେ ଆଲୋଡ଼ନ ସୃଷ୍ଟି କରିଛି । ଗୋଟିଏପଟେ ଆଦିତ୍ୟଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅବନତି ଅନ୍ୟପଟେ ସରକାରଙ୍କ ନିଷ୍କ୍ରିୟତା ଆନ୍ଦୋଳନକୁ ଜୋର୍ କରିବାରେ ଦାନା ବାନ୍ଧୁଛି । କେତେବେଳେ କେଉଁ ପରିସ୍ଥିତି ଉପୁଜିବ ତାହା କେହି କହିପାରିବେ ନାହିଁ

। ଯଦି କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟିହୁଏ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ମତ ପ୍ରକାଶ ପାଇଅଛି । ଓଡ଼ିଶା ମଦମୁକ୍ତି ଆନ୍ଦୋଳନ ଏକ ସ୍ୱୀକାତର ବିଷୟ ହୋଇଥିବାରୁ ଏହାକୁ ଓଡ଼ିଶାର ବିଭିନ୍ନ ସାମାଜିକ ଅନୁଷ୍ଠାନଗୁଡ଼ିକ ଯଥା- ଅର୍ଗାନାଇଜେସନ୍ ଅଫ୍ ପ୍ୟାରେଣ୍ଟ ଆସୋସିଏସନ୍ ଫୋରମ୍ (ଓପାଫ), ଓଡ଼ିଶା ମିଳିତ ନିଶାନିବାରଣ ଅଭିଯାନ (ମୋନା), କିନ୍ନର ସଂଘ, ଗାୟତ୍ରୀ ମହିଳା ସମିତି, ହେଲ୍‌ଫ୍ ହାଣ୍ଡ, ମହାବାହୁ ଗ୍ରୁପ୍ ପ୍ରମୁଖ ନିସର୍ତ୍ତ ସମର୍ଥନ ଦେଇଛନ୍ତି । ଯୁବକଯୁବତୀ, ଛାତ୍ରଛାତ୍ରୀ, ମହିଳା, ବୃଦ୍ଧା ଓ ମଦ ଦ୍ୱାରା ପୀଡ଼ିତା ପରିବାର ଏହି ଅନଶନରେ ଯୋଗଦେଇ ଓଡ଼ିଶାରୁ ମଦକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

ଜୋନାଲସ୍ତରୀୟ ବ୍ୟାଣ୍ଡ ପ୍ରତିଯୋଗିତା ଉଦ୍‌ଯାପିତ

କେନ୍ଦୁଝର,(ପିଏନ)-କେନ୍ଦୁଝର ଷ୍ଟାଡିୟମ ଠାରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ତରଫରୁ ଜୋନାଲସ୍ତରୀୟ ବ୍ୟାଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାରେ ବାଳକ ବିଭାଗରେ ସରସ୍ୱତୀ ଶିଶୁ ମନ୍ଦିର, କେନ୍ଦୁଝରଗଡ ବ୍ୟାଣ୍ଡ ଗ୍ରୁପ୍ ପ୍ରଥମ ସ୍ଥାନ ଓ ବାଳିକା ବିଭାଗରେ ମୟୂରଭଞ୍ଜ ଜିଲ୍ଲାର ପଡିଆବେଡାସ୍ଥ ଦ୍ରୌପଦୀ ବାଳିକା ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରି ଆସନ୍ତା ତା.୧୪.୧୧.୨୦୧୯ ରିଖ ରାଜ୍ୟସ୍ତରୀୟ ବ୍ୟାଣ୍ଡ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି । ଉକ୍ତ କାର୍ଯ୍ୟକ୍ରମକୁ ସଭାପତି ଜିଲ୍ଲା ବିଜ୍ଞାନ ପରିଦର୍ଶକ କୃଷ୍ଣଚନ୍ଦ୍ର ମହାନ୍ତ , ମୁଖ୍ୟ ଅତିଥି ସୁଶୀଲ କୁମାର ନାୟକ, ମୋଚିବନ୍ଧ ହାଇସ୍କୁଲର ପ୍ରଧାନ ଶିକ୍ଷକ, ସମ୍ମାନୀତ ଅତିଥି ଜିଲ୍ଲା ଶାରିରୀକ ନିରୀକ୍ଷକ ତଥା ସଂପାଦକ ସରଦାର ବାରିକ, ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର କୌଷ୍ଟୁବମଣି ସାହୁ, ମୟୂରଭଞ୍ଜର ସତ୍ୟନାରାୟଣ ମହାକୁଣ, ରୁକ୍‌ମଣି ମହାନ୍ତ, ଆଚାର୍ଯ୍ୟ ବଂଶୀଧର ମହାନ୍ତ, ରାହାସ ବିହାରୀ ନାୟକ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ । ବିଚାରକ ଭାବରେ ରିଜର୍ଭ ପୋଲିସ ବ୍ୟାଣ୍ଡର ମନୋହର ବେହେରା ଓ ପ୍ରକାଶ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ ।

ରାଂଚିରେ ଏକ ୬୦୦ ସିଟ୍ ବିଶିଷ୍ଟ ବିପିଓ ସ୍ଥାପନ କରିବା ଲାଗି ବେସିକ୍‌ଫାଷ୍ଟ୍ ଓ ଝାଡ଼ଖଣ୍ଡ ସରକାରଙ୍କ ମଧ୍ୟରେ ଏମ୍‌ଓୟୁ

ଭୁବନେଶ୍ୱର: ରାଂଚିରେ ଏକ ୬୦୦ ସିଟ୍ ବିଶିଷ୍ଟ ବିପିଓ ସ୍ଥାପନ କରିବା ଲାଗି ଦେଶର ଅଗ୍ରଣୀ ଇ-ଲର୍ଣ୍ଣିଂ ସଂସ୍ଥା ବେସିକ୍‌ଫାଷ୍ଟ୍ ପକ୍ଷରୁ ଝାଡ଼ଖଣ୍ଡ ସରକାରଙ୍କ ସୂଚନା ପ୍ରଯୁକ୍ତି ବିଭାଗ ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି । ସଫ୍‌ଟଓୟାର ଟେକ୍‌ନୋଲୋଜି ପାର୍କ ଅଫ୍ ଇଣ୍ଡିଆ ସହଯୋଗରେ ଏହି ବିପିଓ ସ୍ଥାପନ କରାଯିବ । ଏହା କାର୍ଯ୍ୟକ୍ଷମ ହେବା ପରେ ୧୪୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ବେସିକ୍‌ଫାଷ୍ଟର ପୂର୍ବରୁ ବେଙ୍ଗାଲୁରୁରେ ଏକ ବିପିଓ ରହିଛି । ରାଚିଂ ପ୍ରକଳ୍ପ ହେଉଛି କଂପାନି ଦ୍ୱିତୀୟ ବିପିଓ । ଏହା ଦେଶର ବେସିକ୍ ଫାଷ୍ଟ୍ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଭିତିକ ଓ ବୈଷୟିକ ସହାୟତା ଯୋଗାଇ ଦେବ । ଝାଡଖଣ୍ଡର ରାଂଚି ସହରରେ ଅଗଷ୍ଟ ୨୨ରେ ଆୟୋଜନ କରାଯାଇଥିବା ବିପି□□ଓ / ବିପିଏମ୍ ସମ୍ମିଳନୀ ୨୦୧୯ରେ ଏହି ବୁଝାମଣା ସ୍ୱାକ୍ଷର କରାଯାଇଛି । ରାଂଚି ଠାରେ କଂପାନି ସ୍ଥାପନ କରୁଥିବା ବିପିଓ ଜରିଆରେ ଛାତ୍ରଛରତ୍ରୀମାନଙ୍କୁ ୨୪ ଘଂଟା ସହାୟତା ପ୍ରଦାନ କରିବ । ନୂଆ ଓ ପୁରୁଣା ଛାତ୍ରଛାତ୍ରୀଙ୍କୁ ନେଇ ସୃଷ୍ଟି ହେଉଥିବା ଚାହିଦା ସହ ଏହି ନୂଆ ବିପିଓ ଏହାର ବ୍ୟବହାରକାରୀଙ୍କ ଆଶା ଠାରୁ ଆଗକୁ ବଢ଼ିବାରେ ବେସିକ୍ ଫାଷ୍ଟ୍ ପାଇଁ ସହାୟକ ହେବ । ଏହି ନୂତନ

ବ୍ୟବସ୍ଥାରେ ଆଧୁନିକ ପ୍ରଯୁକ୍ତି ବ୍ୟବହାର କରାଯାଇଛି । ଏହା ଜରିଆରେ ବେସିକ୍ ଫାଷ୍ଟ୍ ଛାତ୍ରଛାତ୍ରୀଙ୍କ ସମସ୍ତ ପ୍ରକାର ଦ୍ୱନ୍ଦ୍ୱ ଦୂର କରିବ । ବେସିକ୍ ଫାଷ୍ଟ୍ ହେଉଛି ଦେଶର ଦ୍ରୁତ ଅଭିବୃଦ୍ଧିଶୀଳ ଶିକ୍ଷା-ପ୍ରଯୁକ୍ତି ପ୍ଲାଟଫର୍ମ ଯାହା ଭାରତର ୧୮ଟି ସ୍ଥାନରେ ଉପସ୍ଥିତ ଅଛି ଏବଂ ଏହାର ୭୦୦ ପାଖାପାଖି କର୍ମଚାରୀ ରହିଛନ୍ତି । ଏହାର କାର୍ଯ୍ୟାଳୟ ସିଙ୍ଗାପୁର ଓ ଦୁବାଇରେ ରହିଛି । ଏହି ଅବସରରେ ଝାଡ଼ଖଣ୍ଡ ମୁଖ୍ୟମନ୍ତୀ ରଘୁବର ଦାସ କହିଛନ୍ତି ଯେ, "ଝାଡ଼ଖଣ୍ଡର ପାଣିପାଗ ବେଙ୍ଗାଲୁରୁ ଭଳି ଏବଂ ସରକାର ସୁବିଧା ଓ ସୁରକ୍ଷା ପ୍ରଦାନ କରୁଛନ୍ତି । ଅନେକ ଲୋକ ଏବଂ କଂପାନି ବେଙ୍ଗାଲୁରୁ ଯାଉଛନ୍ତି । ସେହି କଂପାନିଗୁଡ଼ିକୁ ଝାଡ଼ଖଣ୍ଡ ଆସିବାକୁ ପଡ଼ିବ । ସେ ଏହା ମଧ୍ୟ କହିଛନ୍ତି ଯେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବା କଂପାନିଗୁଡ଼ିକର ପ୍ରତିନିଧିଙ୍କ ସହ ସରକାର ନିୟମିତ ବୈଠକ କରିବେ ଏବଂ ସେମାନଙ୍କ ସମସ୍ୟାର ସମାଧାନ କରିବେ ।''ସେହି ସମୟରେ ମୁଖ୍ୟମନ୍ତୀଙ୍କ ପ୍ରମୁଖ ସଚିବ ସୁନିଲ ବମଓ୍ୱାଲ କହିଛନ୍ତି ଯେ, "ରାଜ୍ୟରେ ପ୍ରତିଦିନ ସୁଯୋଗ ବୃଦ୍ଧି ପାଉଛି । ସମସ୍ୟାଗୁଡ଼ିକୁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ସମାଧାନ କରାଯାଉଛି । ବେସିକ୍ ଫାଷ୍ଟ୍ ଭଳି କଂପାନି ଛାତ୍ରଛାତ୍ରୀଙ୍କ ସହିତ କାମ କରୁଛନ୍ତି । ଏହା ବହୁତ ଖୁସିର କଥା ଯେ ସେହି କଂପାନି ହେଉଛି ଝାଡ଼ଖଣ୍ଡର ।''

ଏହି ଅବସରରେ ଶ୍ରୀଯୁକ୍ତ ରଣଧୀର କୁମାର, ପ୍ରତିଷ୍ଠାତା ଓ ସିଇଓ, ବେସିକ୍ ଫାଷ୍ଟ୍ କହିଛନ୍ତି ଯେ, "ଆରମ୍ଭରୁ ଝାଡଖଣ୍ଡ ସରକାର ବେସିକ୍ ଫାଷ୍ଟ୍‌କୁ ସହଯୋଗ କରୁଛନ୍ତି ଏବଂ ରାଜ୍ୟର ଅଭିବୃଦ୍ଧି ଓ ବିକାଶ ଲାଗି ମାନ୍ୟବର ମୁଖ୍ୟମନ୍ତୀ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହାକୁ ମୁଁ ପ୍ରଶଂସା କରୁଛି । ତାଙ୍କ ସମର୍ଥନ ଏହି ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସୁଦୂର ପ୍ରସାରୀ ସାବ୍ୟସ୍ତ ହେବ । ବିଭିନ୍ନ ବିଷୟକୁ ବୁଝିବାରେ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରିବା ଏବଂ ସେମାନଙ୍କ ଦ୍ୱନ୍ଦ୍ୱ ଦୂର କରିବା ପ୍ରତି ସର୍ବଦା ମୋର ଆଗ୍ରହ ରହିଛି । ପ୍ରଯୁକ୍ତିର ଅଭ୍ୟୁଦୟ ସହିତ ଏବେ ଛାତ୍ରଛାତ୍ରୀମାନେ ଯାହା ସ୍କୁଲରେ କରିପାରିନଥିଲେ ତାହାକୁ ବିଶେଷଜ୍ଞଙ୍କ ସହାୟତାରେ ନିଜ ସୁବିଧାରେ ବାସ୍ତବ ସମୟରେ ସେମାନଙ୍କ ଦ୍ୱନ୍ଦ୍ୱର ସମାଧାନ କରିପାରୁଛନ୍ତି । ପ୍ରଶ୍ନକୁ ଅନୁଶୀଳନ କରିବା ଏବଂ ସେହି ଅନୁସାରେ ଉତର ଯୋଗାଡ଼ କରିବାରେ କୃତ୍ରିମ ବୁଦ୍ଧିମତା ଆମ ପାଇଁ ବେଶ ସହାୟକ ହୋଇଛି । ଆମେ ପ୍ରଯୁକ୍ତିକୁ ବ୍ୟବହାର କରି ଯୁବପିଢ଼ିଙ୍କୁ ନିଯୁକ୍ତିକ୍ଷମ କରିପାରୁଛୁ ।''

ଏୟାର ଏସିଆ ପକ୍ଷରୁ ଭୁବନେଶ୍ୱରରେ ତିନି ଦିନିଆ ଟ୍ରାଭେଲ୍ ଫେୟାର ଆୟୋଜନ

ଭୁବନେଶ୍ୱର : ଭାରତରେ ପର୍ଯ୍ୟଟନର ପ୍ରସାର କରିବା ଲାଗି ଏୟାର ଏସିଆ ପକ୍ଷରୁ ଭୁବନେଶ୍ୱରରେ ଏକ ଟ୍ରାଭେଲ୍ ଫେୟାର ଆୟୋଜନ କରାଯିବ । ଏହି ଟ୍ରାଭେଲ୍ ଫେୟାରରେ ଗ୍ରାହକମାନେ ଦେଶ ଭିତରେ କିମ୍ବା ଆ'ର୍ଜାତିକ ବିମାନରେ ଯାତ୍ରା କରିବା ପାଇଁ ଟିକଟ ବୁକିଙ୍ଗ କଲେ ସିଧାସଳଖ ୨୦% ରିହାତି ପାଇପାରିବେ ।ଏୟାର ଏସିଆର ତିନି ଦିନିଆ ଟ୍ରାଭେଲ୍ ଫେୟାରକୁ ଅଗଷ୍ଟ ୨,୩ ଓ ୪ରେ ଭୁବନେଶ୍ୱରର ଏସ୍‌ପ୍ଲାନେଡ୍ ମଲ୍ ଠାରେ ଆୟୋଜନ କରାଯିବ । ଯେଉଁମାନେ ଏହି ଅବସରରେ ବୁକିଙ୍ଗ କରିବେ ସେମାନଙ୍କୁ ଏୟାର ଏସିଆ ତରଫରୁ ଆକର୍ଷଣୀୟ ଡିଲ୍ ଓ ଅଫର୍ ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମ ବିଷୟରେ ସଂଜୟ କୁମାର, ସିଓଓ, ଏୟାରଏସିଆ ଇଣ୍ଡିଆ କହିଛନ୍ତି ଯେ, 'ଭ୍ରମଣ ଓ ପର୍ଯ୍ୟଟନ ପାଇଁ ଭାରତର ଏକ ବହୁତ ବଡ଼ ଭାରତ ହୋଇଥିବା ବେଳେ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ସଂଖ୍ୟା ୨୦୨୮ ସୁଦ୍ଧା ୩୦.୫ ନିୟୁତରେ ପହଂଚିବ ବୋଲି ଅନୁମାନ କରାଯାଉଛି । ଭୁବନେଶ୍ୱରରେ ଟ୍ରାଭେଲ୍ ଫେୟାର ଆୟୋଜନ କରି ଆମେ ଭାରତକୁ ଏକ ପର୍ଯ୍ୟଟନ ହବରେ ପରିଣତ କରିବାକୁ ଚାହୁଛୁ । ଏକ ପସନ୍ଦର ସୁଲଭ ମୂଲ୍ୟରେ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଭାବେ, ଏହି ଟ୍ରାଭେଲ୍ ଫେୟାରରେ ପହଂଚି ସେଠାରେ ଉପଲବ୍ଧ ହେଉଥିବା ଆକର୍ଷଣୀୟ ଡିଲ୍‌ର ଲାଭ ଉଠାଇବାକୁ ଆମେ ଯାତ୍ରୀମାନଙ୍କୁ ଆହ୍ୱାନ ଦେଉଛୁ ।'' ଏୟାର ଏସିଆ ପାଖରେ ଏବେ ୨୨ଟି ବିମାନ ରହିଛି ଏବଂ ଏହା ଦେଶର ୧୯ଟି ସ୍ଥାନକୁ ବିମାନ ଜରିଆରେ ସଂଯୋଗ ପ୍ରଦାନ କରୁଛି ।

ଗୋଦରେଜ୍ ଲକ୍‌ସର ସୁରକ୍ଷା ଚର୍ଚା

ଭୁବନେଶ୍ୱର,: ଏହି ବିଶ୍ୱ ବରିଷ୍ଠ ନାଗରିକ ଦିବସରେ ଗୋଦରେଜ୍ ଲକ୍ସ ପକ୍ଷରୁ ସର୍ବଭାରତୀୟ ସ୍ତରରେ ବରିଷ୍ଠ ନାଗରିକଙ୍କୁ ଘରର ସୁରକ୍ଷା ବିଷୟରେ ସଚେତନ କରିବା ଲାଗି ସୁରକ୍ଷା ଚର୍ଚା ଆରମ୍ଭ କରାଯାଇଛି । କଂପାନିର ହର ଘର ସୁରକ୍ଷିତ ଅଭିଯାନର ଏହା ଏକ ଅଂଶ । ଏହି ସଚେତନତା ଅଭିଯାନରେ ବରିଷ୍ଠ ନାଗରିକଙ୍କୁ ଘରର ସୁରକ୍ଷା ବିଷୟରେ ସଚେତନ କରିବା ଲାଗି କଂପାନି ପକ୍ଷରୁ ଭାବ ବିନିମୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଦିଲ୍ଲୀ, ମୁମ୍ବାଇ, ପୁନେ, ଚେନ୍ନାଇ, ହାଇଦ୍ରାବାଦ, ଚଣ୍ଡିଗଡ଼, କୋଲକାତା ଓ ବେଙ୍ଗାଲୁରୁରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହା ଜରିଆରେ କଂପାନି ୧୦୦୦୦ରୁ ଅଧିକ ବରିଷ୍ଠ ନାଗରିକଙ୍କ ପାଖରେ ପହଂଚିବାକୁ ଲକ୍ଷ୍ୟ ରଖିଛି । କଂପାନିର ହର ଘର ସୁରକ୍ଷିତ ରିପୋର୍ଟରୁ ଜଣାପଡ଼ିଛି ଯେ ୬୪% ଭାରତୀୟ ଘରର ସୁରକ୍ଷାକୁ ନେଇ ସଚେତନ ନୁହନ୍ତି । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ରିପୋର୍ଟ ଅନୁଯାୟୀ, ୨୦୧୬ରେ ୨୧,୪୧୦ ବରିଷ୍ଠ ନାଗରିକ ଅପରାଧର ଶିକାର ହୋଇଥିଲେ । ୨୦୧୮ରେ କଂପାନି ପକ୍ଷରୁ ନଭେମ୍ବର ୧୫କୁ ଗୃହ ସୁରକ୍ଷା ଦିବସ ଭାବେ ପାଳନ କରାଯାଇଥିଲା । ଭାରତରେ ଥିବା ବିଭିନ୍ନ ବରିଷ୍ଠ ନାଗରିକ ସଂଘ ସହ ମିଶି ସୁରକ୍ଷା ଚର୍ଚା ଆୟୋଜନ କରିବାକୁ କଂପାନି ନିଷ୍ପତି ନେଇଛି । ଏହି ଅଭିଯାନ ସମ୍ପର୍କରେ ଶ୍ୟାମ ମୋତୱାନି, ଏକ୍‌ଜିକ୍ୟୁଟିଭ୍ ଭାଇସ୍ ପ୍ରେସିଡେଂଟ୍ ଆଣ୍ଡ୍ ବିଜନେସ୍ ହେଡ୍, ଗୋଦରେଜ୍ ଲକ୍ସ କହିଛନ୍ତି ଯେ, "ବିଶ୍ୱର ଓ ସୁରକ୍ଷା ସହ ସମ୍ପର୍କ ରଖୁଥିବା ଏକ ବ୍ରାଣ୍ଡ୍ ଭାବେ ଆମେ ବୟସ୍କର ସାମଗ୍ରିକ ନିରାପତା ଆବଶ୍ୟକତା ବିଷୟରେ ଜାଣିଛୁ । ସୁରକ୍ଷା ଚର୍ଚା କାର୍ଯ୍ୟକ୍ରମ ଜରିଆରେ ଆମେ ସେମାନଙ୍କୁ ଘର ଭିତରେ ଓ ବାହାରେ ନିଜେ କିଭଳି ସୁରକ୍ଷିତ ରହିହେବ ତାହା ଜଣାଇବୁ । ଏହା ସହିତ, ଘରକୁ ବରିଷ୍ଠ ନାଗରିକ ଅନୁକୂଳ କରିବା ଲାଗି ଆମେ ପରିବାରଗୁଡ଼ିକୁ ଅନୁପ୍ରାଣିତ କରିବୁ । ଆମର ବିଶ୍ୱାସ ରହିଛି ଯେ ଏହି କାର୍ଯ୍ୟକ୍ରମ ଜରିଆରେ ଆମେ ୧୦୦୦ରୁ ଅଧିକ ବରିଷ୍ଠ ନାଗରିକଙ୍କୁ ନିଜ ଓ ଘରର ସୁରକ୍ଷା ଲାଗି ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିବା ଲାଗି ଉତମ ଭାବେ ପ୍ରସ୍ତୁତ ରହିବା ଲାଗି ସଶକ୍ତ କରାଇବୁ ।''

ଏହି ଅଭିଯାନର ପ୍ରାରମ୍ଭିକ କାର୍ଯ୍ୟକ୍ରମକୁ ସମନ୍ୱୟ ବରିଷ୍ଠ ନାଗରିକ ସଂଘ ସହଯୋଗରେ ମୁମ୍ବାଇରେ ଆୟୋଜନ କରାଯାଇଥିଲା ଯେଉଁଥିରେ ୭୦ରୁ ଅଧିକ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ । ଏହି ଅଭିଯାନ ସମ୍ପର୍କରେ ପ୍ରକାଶ ବୋରଗାଓଁକର, ନିର୍ଦ୍ଦେଶକ, ହେଲ୍‌ପଏଜ୍ ଇଣ୍ଡିଆ କହିଛନ୍ତି ଯେ, ଭାରତ ଏକ ଦୃଢ଼ ବିକାଶଶୀଳ ଦେଶରେ ପରିଣତ ହେଉଥିବା ବେଳେ ଯୁବକମାନେ ଅଧିକ ବେତନ ଓ ଚାହିଦାରେ ଥିବା ନିଯୁକ୍ତି ପ୍ରତି ଆକର୍ଷିତ ହେଉଥିବାରୁ ପରିବାରଗୁଡ଼ିକ ଅଧିକ ଅଣୁ ଆକାର ହୋଇଯାଉଛି ଯେଉଁଠାରେ ବରିଷ୍ଠ ନାଗରିକମାନେ ନିଜ କଥା ନିଜେ ସମ୍ଭାଳୁଛନ୍ତି । ଏଥିପାଇଁ ସେମାନେ ଅପରାଧର ଶିକାର ହେଉଛନ୍ତି । ସେଥିପାଇଁ ସେମାନଙ୍କୁ ଅପରାଧ ବିଷୟରେ ସଚେତନ କରିବାର ଆବଶ୍ୟକତା ରହିଛି । ଗୋଦରେଜ୍ ଲକ୍ସର ଏହି ଅଭିଯାନକୁ ମୁଁ ବହୁତ ପ୍ରଶଂସା କରୁଛି ।''

ଗେନଓ୍ୱେଲ କମୋସେଲସ୍‌କୁ ଉନ୍ନତି ପାଇଁ ଏଲ୍‌ଇଇଡି ପ୍ଲାଟିନମ୍ ପୁରସ୍କାର

ଭୁବନେଶ୍ୱର: ଭାରତର ଉତ୍ତର ଓ ପୂର୍ବ, ନେପାଳ ଓ ଭୁଟାନ ପାଇଁ କ୍ୟାଟରପିଲାର ଇକ୍ୱିପ୍‌ମେଂଟ୍‌ର ସ୍ୱୀକୃତିପ୍ରାପ୍ତ ଡିଲର ଗେନ୍‌ଓ୍ୱେଲ୍ କମୋସେଲସ୍ ପ୍ରାଇଭେଟ୍ ଲିମିଟେଡ୍ (ଗେନଓ୍ୱେଲ)କୁ ଗ୍ରେଟର ନୋଏଡାରେ ଥିବା ଉତ୍କୃଷ୍ଟ ମାନର କାରଖାନା ଉନ୍ନତି ପାଇଁ ୟୁଏସ ଗ୍ରିନ୍ ବିଲଡିଂ କାଉନ୍‌ସିଲ୍ ତରଫରୁ ଏଲ୍‌ଇଇଡି (କିମ୍ବା ଲିଡରସିପ୍ ଇନ୍ ଏନର୍ଜି ଆଣ୍ଡ୍ ଏନର୍ଭାରମେଂଟ୍ ଡିଜାଇ) ପ୍ଲାଟିନମ୍ ମାନ୍ୟତା ହାସଲ କରିଛି । ଏହି ସ୍ୱୀକୃତି ସହିତ ଭାରତର ପ୍ରଥମ ଏଲଇଇଡି ଭି୪ ବିଡି+ସି: ଏନସି ପ୍ଲାଟିନମ ପ୍ରକଳ୍ପ ଓ ଏସିଆର ଦ୍ୱିତୀୟ ଭାବେ ନିର'ରତା ପାଇଁ ଗେନଓ୍ୱେଲର ଉଦ୍ୟମ ପ୍ରତି ଉନ୍ନତି ମାନଦଣ୍ଡ ହାସଲ କରିଛି । ଏଲଇଇଡି ଭି୪ ବିଡି+ସି: ଏନ୍‌ସିରେ ବିଶ୍ୱ ସ୍ତରରେ ୮୯ ପଏଂଟ ସ୍କୋର ସହ ଉନ୍ନତି ସର୍ବାଧିକ ପଏଂଟ୍ ହାସଲ କରିଛି । ୨୦୧୬ ଅଗଷ୍ଟରେ କ୍ୟାଟରପିଲାର ଆଇଏନ୍‌ସିର ବର୍ତମାନର ଅଧ୍ୟକ୍ଷ ଶ୍ରୀଯୁକ୍ତ ଜେମସ୍ ଡି ଉପ୍ଲେବାଏ ଏହି ପରିସରର ଭିତିପ୍ରସ୍ତର ସ